# ସମନସୁତ୍ତମ୍

୧.	ମଙ୍ଗଳସୂତ୍ର

ସୌଭାଗ୍ୟଶୀଳତା ସମ୍ବନ୍ଧୀୟ ଉପଦେଶାବଳି ।

ନମୋ ଅରହନ୍ତନଂ ନମୋ ସିଧ୍ଂ ନମୋ ଆୟାରିୟତାମ୍।
ନମୋ ଉବାଝାୟନଂ ନମୋ ଲୋଏ ସବ୍ଜାଣୁନାମ୍ (୧)

ଗୁଣଶାଳୀ ମହାତ୍ମାମାନଙ୍କୁ ନମସ୍କାର । ମୁକ୍ତ ସଭାମାନଙ୍କୁ ପ୍ରଣାମ । ଉପାଧ୍ୟାୟମାନଙ୍କୁ ନମସ୍କାର । ଆଧ୍ୟାତ୍ମିକ ଗୁରୁଙ୍କ ପ୍ରଣାମ । ବିଶ୍ୱର ସମସ୍ତ ସନ୍ଥମାନଙ୍କୁ ପ୍ରଣାମ । (୧)

ଏଷୋ ପନମୋକ୍କାରୋ ସବ୍‌ବପବପ୍ପନସାନୋ
ମଙ୍ଗଲନାଂ ଚ ସବେବ୍‌ସିମ୍, ପତମମ୍ ହବଇ ମଙ୍ଗଲମ୍ । (୨)

ଏହି ପ ନମସ୍କାର ସମସ୍ତ ପାପର ବିନାଶକ ଏବଂ ସର୍ବ ମଙ୍ଗଳପ୍ରଦ ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । (୨)

ଅହରନ୍ତ ମଙ୍ଗଳମ୍ । ସିଧ୍ ମଙ୍ଗଳମ୍ । ସହୁ ମଙ୍ଗଳମ୍।
କେବଳିପନ୍ନାତ୍ତୋ ଧମ୍ମୋ ମଙ୍ଗଳମ୍ । ଅରହନ୍ତ ଲଗୁତ୍‌ମା ।
ସହୂ ଲୋଗୁତ୍‌ମା । କେବଳି ପନ୍ନାତ୍ତୋ ଧମ୍ମୋ ଲାଗୁତ୍‌ମୋ । ଅରହନ୍ତେ ଶରଣମ୍ ।
ସିଧ୍ୟୋ ଶରଣଂ ପବ୍ବଜାମି । ସହୁ ଶରଣଂ ପବଜାମି ।
କେବଳିପନ୍ନାତ୍‌ମ୍ ଧମ୍ମମ୍ ଶରଣଂ ପବଜ୍ଜାମି । (୩.୫)

ଗୁଣଶାଳୀ ମହାତ୍ମାମାନେ ସୌଭାଗ୍ୟବନ୍ତ । ସେମାନଙ୍କ ଦ୍ୱାରା ପ୍ରଚାରିତ ସୌଭାଗ୍ୟବନ୍ତ । ସନ୍ଥମାନେ ସୌଭାଗ୍ୟବନ୍ତ । ସେମାନଙ୍କ ଦ୍ୱାରା ପ୍ରଚାରିତ ଧର୍ମ ମଧ୍ୟ ସୌଭାଗ୍ୟବନ୍ତ । ଏହି ମୂଲ୍ୟଯୁକ୍ତ ଆତ୍ମାମାନେ ପୃଥିବୀରେ ସର୍ବଶ୍ରେଷ୍ଠ । ଏହି ମୁକ୍ତାତ୍ମାମାନେ ପୃଥିବୀ ପୃଷ୍ଠରେ ସର୍ବ ଗରିଷ୍ଠ । ସନ୍ଥମାନେ ପୃଥିବୀରେ ମହାତ୍ମା । ସେମାନଙ୍କ ଦ୍ୱାରା ପ୍ରଚାରିତ ଧର୍ମ ମଧ୍ୟ ପୃଥିବୀର ଶ୍ରେଷ୍ଠ ଧର୍ମ । ସେହି ମହାତ୍ମାଙ୍କ ନିକଟରେ ମୁଁ ଶରଣ ପଶୁଛି । ସେହି ମୁକ୍ତାତ୍ମାମାନଙ୍କର ଶରଣ ନେଉଛି । ସନ୍ଥମାନଙ୍କର ଶରଣ ନେଉଛି । ସେହି ମହାତ୍ମାମାନଙ୍କ ଦ୍ୱାରା ପ୍ରଚାରିତ ଧର୍ମର ଶରଣ ଭିକ୍ଷା କରୁଛି । (୩.୫)

ଝାୟହି ପଭି ଗୁରବେ, ମଙ୍ଗଳ କୌଶରଣୋଲୋୟାପରିହାରିୟେ
ନର-ସୁର-ଖେୟାର-ମାହିଏ ଆରହନନୟାମେ ବୀରେ । (୬)

ସେହି ପ ମହାତ୍ମାମାନଙ୍କୁ ଧ୍ୟାନ କର । ସେମାନେ ଚର୍ତୁବର୍ଗ ଫଳପ୍ରଦାନକାରୀ, ସର୍ବ ଶୁଭପ୍ରଦ, ଭକ୍ତିଭାଜନମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ, ଇନ୍ଦ୍ରିୟଜୟୀ ଏବଂ ନର, ସୁର ଓ ବିଦ୍ୟାଧର ମାନଙ୍କ ଦ୍ୱାରା ପ୍ରପୁଜିତ ହୋଇଥାନ୍ତି । (୬)

ଘନଘାଇକମ୍ମହାନ୍, ତିହୁବନବରାଭବ କମଳ ମାତ୍‌ଣ୍ଡ
ଅରିହ ଅନନ୍ତନଜାନି, ଅନୁବାମଶୋଖ ଜୟନ୍ତୁଯାଇ । (୭)

ଏହି ସଂସାରରେ ଯେଉଁ ମହାତ୍ମା (ଆର୍ହତ)ମାନେ ଗହଳ କର୍ମପନ୍ଥାକୁ ବିନାଶ କରିଛନ୍ତି, ସୂର୍ଯ୍ୟ

ପଦ୍ମକୁ ବିକଶିତ କରିବା ସଦୃଶ ଯେଉଁମାନେ ମୁକ୍ତକାମୀ ଜନସାଧାରଣଙ୍କ ହୃଦୟ-ପଦ୍ମକୁ ବିକଶିତ କରାଇଥାଆନ୍ତି । ଯେଉଁମାନେ ଅଖଣ୍ଡ ଜ୍ଞାନରାଜ୍ୟର ଅଧିକାରୀ ଓ ସଦା ପରମସୁଖୀ, ସେମାନଙ୍କର ଜୟ ହେଉ । (୭)

ଅଥବିହକାମ୍ମାଭିୟାଲ, ନିଥିୟକାଯ ପନଥାସଂସାର
ଦିଥାଶୟଲଥାସାର, ସିଧ୍ ସିଧ୍ଂ ମମ୍ ଦିଶନ୍ତୁ । (୮)

ଯେଉଁ ବିମୁକ୍ତାତ୍ମାମାନେ ଅଷ୍ଟପ୍ରକାର କର୍ମବନ୍ଧନରୁ ନିଜକୁ ମୁକ୍ତ କରୁଛନ୍ତି, ପୁର୍ଣ୍ଣପ୍ରାପ୍ତି ଲାଭ କରିଛନ୍ତି, ଜନ୍ମମୃତ୍ୟୁ ଚକ୍ରରୁ ନିଜକୁ ମୁକ୍ତ କରିଅଛନ୍ତି ଏବଂ ସମସ୍ତ ପଦାର୍ଥର ସାଥିବତ୍ୱ ହୃଦୟଙ୍ଗମ କରିଛନ୍ତି । ସେହି ବିମୁକ୍ତାତ୍ମାମାନେ ମୋତେ ନିର୍ବାଣର ବାଟ ବତାଇ ଦିଅନ୍ତୁ। (୮)

ପମହାଭୟତୁଙ୍ଗଂ ତକ୍କାଲୀୟ ସପରସମୟ ସୁଜାଧାର
ନାନାଗୁଣଭାରିୟ ଐରୀୟ ମମ ପସୀଦନ୍ତୁ । (୯)

ସେହି ଉପାଧ୍ୟାୟମାନେ ମୋ ଉପରେ ସନ୍ତୁଷ୍ଟ ହୁଅନ୍ତି - ଯେଉଁମାନେ ପ ମହାପ୍ରତିଜ୍ଞା ଦ୍ୱାରା ନିଜକୁ ଉର୍ଦ୍ଧକୁ ଉଠାଇପାରିଛନ୍ତି । ଯେଉଁମାନେ ନିଜର ତଥା ସମସାମୟିକ ଧର୍ମଶାସ୍ତ୍ରଗୁଡ଼ିକର ଉ□ମ ପ୍ରବକ୍ତା ଅଟନ୍ତି ତଥା ଅନେକଦିନ ସୁଗୁଣ ଗୁଡ଼ିକର ଅଧିକାରୀ ଅଟନ୍ତି । (୯)

ଅନ୍ନାନ ଘୋର ତିମିରେ ଦୁରାନ୍ତତୀର ମହି ହିନ୍ଦମନନମ୍
ଭବୀୟନୁଜାୟାୟାର ଭବଝାୟା, ଭବଝାୟା ବରମାଦିମ୍ ଦେନ୍ତୁ । (୧୦)

ଯେଉଁମାନେ ଆଚାର୍ଯ୍ୟମାନେ ମୁକ୍ତିକାମୀ କିନ୍ତୁ ଅଜ୍ଞାନାନ୍ଧକାରରେ ସଢୁଥିବା ଆତ୍ମା (ଜୀବ) ମାନଙ୍କୁ ଆଲୋକର ପଥ ଦେଖାଇଥାଆନ୍ତି - ସେମାନେ ମତେ ଉ□ମ ବୁଧି ପ୍ରଦାନ କରନ୍ତୁ । (୧୦)

ଧୀରଧରୀୟଶୀଳମାଳ ଭବଗୟାରାୟ ଯଶୋହପଦିହଥ
ବହୁବିନୟ ଭୁଷିୟାଙ୍ଗ ସୁହାଇଁ ସହୁ ପୟବନ୍ତୁ । (୧୧)

ଯେଉଁ ସନ୍ଥମାନେ ନିଜକୁ ଅନେକାନେକ ସୁଗୁଣର ଅଧିକାରୀ କରିପାରିଛନ୍ତି, ଗୌରବମୟ ଖ୍ୟାତିରେ ଯେଉଁମାନେ ନିଜ ପଥକୁ ଆଲୋକିତ କରିଛନ୍ତି, ସମସ୍ତ ବନ୍ଧନରୁ ନିଜକୁ ପ୍ରମୁକ୍ତ କରିଛନ୍ତି । ଯେଉଁମାନେ ବିନମ୍ରତାର ମୂର୍ତ୍ତିମନ୍ତ ପ୍ରତୀକ, ସେହି ସନ୍ଥମାନେ ମୋତେ ସୌଭାଗ୍ୟ ପ୍ରଦାନ କରନ୍ତୁ । (୧୧)

ଅରହିନ୍ତ, ଅଶରୀର ଅୟରୀୟା ବଝାୟମୁଦିନୋ
ପକ୍ଷାରନିମ୍ଫାନ୍ନୋ ଓମ୍କାରୋ ପ ଘରମିଧି (୧୨)

'ଓମ୍' ଶବ୍ଦ ଆଧ୍ୟାତ୍ମିକତା କ୍ଷେତ୍ରରେ ପ ପଥପ୍ରଦର୍ଶକ ମାନଙ୍କର ସୂଚନା ପ୍ରଦାନ କରେ କାରଣ ଏହା (ଅ,ଅ, ଆ, ଉ ଏବଂ ମ) ପ୍ରଥମ ପ ଅକ୍ଷରର ସମାହାର ଅଟେ । (୧୨)

ଭକ୍ଷାହମଜୀୟଂ ବନ୍ଦେ ସମ୍ଭବମଭିନନ୍ଦନଂ ଚସୁମାଇଂଚ
ପୌମାପ୍ପହଂ, ସୁପାଶଂ, ଜୀନଂ ଚ ଚଣ୍ଡାପହାଂ ଚବନ୍ଦୋ । (୧୩)

ଋଷଭ, ଅଜିତ, ସମ୍ଭବ, ଅଭିନନ୍ଦ, ସୁମତି, ପଦ୍ମପଭ, ସୁପାର୍ଶ୍ୱ ଚନ୍ଦ୍ରପ୍ରଭ – ଏହି ଜୀବମାନଙ୍କର ବଶ୍ୟତା ସ୍ୱୀକାର କରୁଛି । (୧୩)

ସୁବିହୀଂ ଚ ପୁପ୍ଫାୟାନ୍ତଂ ସିୟାଳ ସେୟଂସ ସ୍ୱୁପୂଜାମ୍ତ
ବିମଲମନନ୍ତ ଭାୟାବଂ ଧମ୍ମଂ ସନ୍ତିଂଚ ବନ୍ଦାମି । (୧୪)

ସୁବିଧି (ପୁଷ୍ପବନ୍ତ), ଶୀତଳ, ଶ୍ରେୟାଂଶ, ବସୁପୂଜ୍ୟ, ବିମଳ, ଅନନ୍ତ, ଧର୍ମ ଓ ଶାନ୍ତି – ଏହି ଜୀବମାନଙ୍କୁ ବହୁମାନ୍ୟ ପ୍ରଦାନ କରୁଛି । (୧୪)

କୁଣ୍ଟୁଂ ଚ ଜୀନବରିଳଂ, ଅରଂଚ ମାଲିଂଚ ସୁହୟାଚନମିମ୍
ମନ୍ଦାମି ରିଚ୍‌ନେମୀଂ ତହ ପାଠ ବଧ୍‌ମାନଂଚ । (୧୫)

କୁଣ୍ଠୁ, ଅର, ମାଳି ମୁନିସୁବ୍ରତ, ନମୀ, ଅରିଷ୍ଟନେମୀ, ପାର୍ଶ୍ୱ ଓ ବର୍ଧ୍ୱମାନ – ଏହି ଜୀବମାନଙ୍କୁ ମୋର ସଶ୍ରଧ୍ ପ୍ରଣାମ । (୧୫)

ଚନ୍ଦେହି ନିମ୍ମାଲୟାର, ଐଚେହୀଂ ଅହୀୟଂ ପୟଶନ୍ତ
ଶାୟାର ବରଗମ୍ଭୀର ସିଧ୍, ସିଧିଂ ମମ୍ ଦିଶନ୍ତୁ । (୧୬)

ଯେଉଁ ସିଧ୍ (ବାବିମୁକ୍ତ ଜୀବ) ମାନେ ଚନ୍ଦ୍ରମାଠାରୁ ମଧ ନିଷ୍କଳଙ୍କ, ସୂର୍ଯ୍ୟଠାରୁ ଦୀପ୍ତିମନ୍ତ, ମହାସାଗରଠାରୁ ଅଧିକ ପ୍ରଶାନ୍ତ, ସେହି ସିଧ୍‌ମାନେ ମତେ ମୁକ୍ତିର ପଥ ଦେଖାନ୍ତୁ । (୧୬)

୨. ଜୀନ ଶାସନ ସୂତ୍ର

ଜୀନଙ୍କ ଶିକ୍ଷା ସମ୍ବନ୍ଧୀୟ ଉପଦେଶାବଳି ।

ଜାମେଇଲୀନ ଜୀବ, ତୁରନ୍ତି ସଂସାରସାୟରମନନ୍ତମ୍
ତମ ସବ୍‌ବ-ଜୀବ ଶରଣଂ ନନ୍ଦଦୁ ଜୀନ ଶାସନଂ ସ୍ୱରମ୍ (୧୭)

ଜୀନଙ୍କର ସେହି ଶିକ୍ଷା ଚିରନ୍ତନ ସୁସମୃଦ୍ଧ ହେଉ – ଯେଉଁ ଶିକ୍ଷା ସବୁ ଜୀବମାନଙ୍କୁ ପାର୍ଥବ ବନ୍ଧନରୁ ପାର କରାଇବାକୁ ସମର୍ଥ ତଥା ସମସ୍ତ ଜୀବଧାରୀମାନଙ୍କୁ ଯାହା ସୁରକ୍ଷା ପ୍ରଦାନ କରିଥାଏ । (୧୭)

ଜୀନବୟନ ଶୋଶହମିନ୍‌ଂ ବିଷୟସୁହ-ବୀରେୟାନଂ
ଜଗ୍‌ମରଣବହି ହରଣଂ କ୍ଷୟକାରଣଂ ସବ୍‌ବ ଦୁଃଖାନାମ୍ (୧୮)

ଜୀନଙ୍କର ଶିକ୍ଷାସମୂହ ଜୀବମାନଙ୍କୁ ସଂସାର ସୁଖ ପଥରୁ ବିଚ୍ୟୁତ କରି ସମସ୍ତ ଦୁଃଖର ବିନବ୍ୟତ୍ କରିବା ନିମିତ୍ ଅମୃତତୂଲ୍ୟ ଔଷଧ ସଦୃଶ । (୧୮)

ଅରହନ୍ତ ଭଶିୟାଥଂ ଗାନହାର୍ଦେଦେହୀଂ ଗନ୍ଥିୟାଂ ଶମ୍ମମ୍
ପଣାମାମି ଉତ୍‌ୟୁତୋ ସୁଦାନନମହୋଦହୀଂ ଶିରସା (୧୯)

ସେହି ମହାତ୍ମାମାନଙ୍କ ଦ୍ୱାରା ପ୍ରଚାରିତ ତଥା ଭକ୍ତିଭାଜନ ଗଣଧର (କଠୋର ତପ ପରାୟଣା

ଦଳପତି) ମାନଙ୍କ ଦ୍ୱାରା ଶାସ୍ତ୍ରକାରରେ ଗ୍ରଥିତ ହୋଇଥିବା ଜ୍ଞା ଅଖଣ୍ଡ ସାଗର ନିକଟରେ ମୋର ମଥାବନତ କରୁଛି । (୧୯)

ତଶ ମୁହୁଗ୍‌ଗଜାଦୟାନଂ, ପୂର୍ବ ବରଦୋସବିରହିୟଂସୁଧାମ୍
ଆଗମମିଦି ପରିକହିୟଂ, ତେନ ଦୁ କହିୟ ହବନ୍ତି ତଛଥା । (୨୦)

ସେହି ମହାତ୍ମାକି ମୁଖରୁ ନିଃସୃତ ହୋଇଥିବା ସମସ୍ତ କଥା ବରୋଧାଭାଷରୁ ମୁକ୍ତ ହେବା ଯୋଗୁଁ ତାକୁ ଆଗମ ବା ଶାସ୍ତ୍ର କୁହାଯାଏ ଏବଂ ଏହି ଶାସ୍ତ୍ରରେ ଯାହା ଲେଖାଅଛି ତାହା ଚିରନ୍ତନ ସତ୍ୟ ଅଟେ । (୨୦)

ଜୀନବୟାନେ ଅନୁରାତ, ଜୀନବୟାନଂ ଯେ କରେନ୍ତି ଭବେନ,
ଅମଲା ଅସଂକିଳିତ, ତେ ହୋନ୍ତି ପରିତସଂସାରୀ (୨୧)

ଯେଉଁମାନେ ଏହି ମହାତ୍ମାଙ୍କ ଦ୍ୱାରା ପ୍ରଚାରିତ ଶିକ୍ଷାପ୍ରତି ପୂର୍ଣ୍ଣପ୍ରାଣ ସମର୍ପଣ କରି ନିଷ୍କପଟ ଭାବେ ପରିପାଳନ କରନ୍ତି ସେମାନେ ସମସ୍ତ ଦୁଃଖନିବୃତ୍ ସହି ଜନ୍ମମୃତ୍ୟୁ ଭଳି ସାଂସାରିକ ଚକ୍ରରୁ ନିଜକୁ ଅତିଶୀଘ୍ର ପ୍ରମୁକ୍ତ କରାଇଥାନ୍ତି । (୨୧)

ଜୟ ଜୟରାୟ ! ଜୟଗୁରୁ ! ଏହାର ମମ ତୁହ ପଇବାଓ ବାୟବମ୍ !
ଭବନିଭେୟୋ ମାଗାନୁସାରୀୟ ଇତଃ ଫଳସିଧି । (୨୨)

ହେ ସର୍ବବନ୍ଧନଜୟୀ, ହେ ବିଶ୍ୱଗୁରୁ, ହେ ଆଶୀର୍ଯୁକ୍ତ ଆତ୍ମା ! କେବଳ ଆପଣଙ୍କ କରୁଣାରୁ ମୋର ଏହି ନଶ୍ୱର ବିଶ୍ୱପ୍ରତି ମୋହଭଙ୍ଗ ଜାଗ୍ରତ ହେଉ, ମୁଁ ମୁକ୍ତିର ପଥରେ ଆଗକୁ ଆଗକୁ ଚାଲୁଥାଏଁ । ମୋର ପୂର୍ଣ୍ଣତା ପ୍ରାପ୍ତି ଘଟୁ । (୨୨)

ସସମୟ ପରସମୟର୍ବଭ, ଗମ୍ଭୀରୋ ଦିତିମଂ ଶିବୋସଶୋ
ଗୁଣାଶୟକାଲିତ ଯୁତୋ, ପବୟନସାରଂ ପରିକହେଉଁ । (୨୩)

ସେ ନିଜ ମତବାଦ ତଥା ଅନ୍ୟମାନଙ୍କ ଦ୍ୱାରା ପ୍ରଚରିତ ମତବାଦ ବିଷୟରେ ପ୍ରାଜ୍ଞ, ଗମ୍ଭୀର, ଦୀପ୍ତିମାନ, ମଙ୍ଗଳମୟ, ଅମାୟିକ ଏବଂ ଅନ୍ୟାନ୍ୟ ଶତଗୁଣର ଅଧିକାରୀ ହେବା ଯୋଗୁଁ ଧର୍ମଶାସ୍ତ୍ର ଗୁଡ଼ିକର ନିର୍ଯ୍ୟାସବହାର କରିବାକୁ ସମ୍ପୁର୍ଣ୍ଣ ଅଟନ୍ତି । (୨୩)

ଯଂ ଇଚ୍ଛସି ଅପଣାତ, ଯଂ ଚ ନ ଇଚ୍ଛସି ଅପଣାତ,
ତଂ ଇଚ୍ଛ ପରସ ବି ଅ, ଇତିଯାଗଂ ଜୀନଶାସନମ୍ । (୨୪)

ଆପଣପାଇଁ ଯାହା ଇଚ୍ଛା କରୁଛ ତାହା ପରପାଇଁ ମଧ ଇଚ୍ଛାକର, ଯାହା ଆପଣଙ୍କ ପାଇଁ ଇଚ୍ଛା କରୁନାହିଁ – ତାହା ପରପାଇଁ ମଧ ଇଚ୍ଛା କରନାହିଁ – ଏହା ହିଁ ଜୀବଙ୍କର ଶିକ୍ଷା । (୨୪)

୩. ସଂଘସୂତ୍ର

ସଂଘସଂମ୍ବନ୍ଧୀୟ ଉପଦେଶ

ସଂଘୋ ଗୁଣସଂଘାଓ, ସଂଘୋ ୟା ବିମୋଚାଓ ୟା କାମାନାମ୍,
ଦଂଶନନନଚରିତେ, ସଂଘୟାନ୍ତେ, ହବେ ସଂଘେ । (୨୫)

ସଂଘ ହେଉଛି ଅନେକ ସୁଗୁଣାବଳିର ସଂଚାୟକ । ସଂଘ ବ୍ୟକ୍ତିକୁ କର୍ମଦୋଷରୁ ବିମୁକ୍ତ କରେ ଏବଂ ସଦ୍‌ବିଶ୍ୱାସ, ସଦ୍‌ଜ୍ଞାନ ଓ ସଦାଚାରକୁ ଏକତ୍ର ଧାରଣ କରେ । (୨୫)

ରୟନତୟମେବ ଗଣଂ, ଗଚ୍ଛଂ ଗମନସ୍ ମୋଖମାଗସ
ସଂଘ ଗୁଣ ସଂପଦ, ସମୟ ଘଲୁ ନିମଳ ଆପ । (୨୬)

ସେହି (କଥିତ) ତ୍ରିରନ୍ କେବଳ ଗୋଟିଏ ଗୁଣର ସ୍ରଷ୍ଟା । ଯାହା ମୁକ୍ତିର ପଥରେ ଆଗେଇ ନିଏ ତାହା ଏକ ଗଚ୍ଛ... ସୁଗୁଣ ଅଭ୍ୟାସ ଦ୍ୱାରା ପବିତ୍ର ଆତ୍ମା । 'ସମୟ'ରେ ରୂପାନ୍ତରିତ ହୁଏ । ସଂଘ ସୁଗୁଣର ବିକାଶ ଘଟାଏ । (୨୬)

ଅଣସୋ ବିଶସୋ ସୟଘରସମ ଯ ହୋଇ ମା ଭାହୀ
ଅମ୍ମପିତିସମାନେ, ସଂଘ ଶରଣଂ ତୁ ସବେସମ୍ । (୨୭)

ସଂଘ ପ୍ରତିଶ୍ରୁତି ଦିଏ । ଆତ୍ମବିଶ୍ୱାସ ସୃଷ୍ଟି କରେ ଏବଂ ଏକ ଶୀତଳ ପ୍ରକୋଷ୍ଠ ଭଣ୍ଡାର ପରି ଶାନ୍ତି ବିତରଣ କରେ । ଏହା ପିତାମାତାଙ୍କ ଭଳି ସ୍ନେହ ପ୍ରଦାନ କରେ ଏବଂ ସମସ୍ତ ଜୀବମାନଙ୍କୁ ଆଶ୍ରୟ ଦିଏ । ତେଣୁ ଭୟ ତ୍ୟାଗ କର । (୨୭)

ନନାଶ ହୋଇ ଭାଗି ଥିରୟରାଓ ଦଂଶନେ ଚରିତ ଯା
ଧନ ଗୁରୁକୁଳ ବଂଶ ଅବିକହଇ ନି ମୁନ୍ତି । (୨୮)

ଯେଉଁମାନେ ନିଜର ସାରାଜୀବନ ନିଜ ଗୁରୁଙ୍କ ସାନିଧରେ କଟାଇଥାନ୍ତି - ସେମାନେ ଉତ୍ତମ ଜ୍ଞାନ ଲାଭ କରି ନିଜର ବିଶ୍ୱାସ ଓ ଚରିତ୍ରବତ୍‌ରେ ସ୍ଥିତସ୍ଥାପକତା ଆଣିପାରନ୍ତି । (୨୮)

ଯଶ ଗୁରୁମି ନ ଭରି ନ ଯା ବହୁମନୋ ନ ଗୌରବଂନଭୟଂ
ନଭି ଲଜ୍ଜା ନଭି ନେହୋ, ଗୁରୁକୁଳ ବାସେନ କିଂ ସେ ? (୨୯)

ତାପାଇଁ ଗୁରୁଙ୍କ ସାନ୍ନିଧରେ ବାସ କରିବାରେ କି ଅବା ଲାଭ - ଯାହାର ହୃଦୟରେ ଭକ୍ତି ଭାବ ନାହିଁ, ସମ୍ମାନ କି ଶ୍ରଧା ନାହିଁ । ଅନ୍ତଃକରଣରେ ସ୍ନେହ ନାହିଁ କିମ୍ବା ଗୁରୁଙ୍କ ପ୍ରତି ମନ ମଧରେ ଭୟ ନାହିଁ ? (୨୯)

କାମାରୟଜଳହବିନିଗୟସ, ସୁୟରଚାନଦୀହବଲସ
ପମହବୟଥିରକାନିୟଶ, ଗୁଣକେଶର ଲସା
ସବଗଜିନମହୁୟରପରଭୂଦାସ ଜୀନସୂରତେୟଭୁଦାସ
ସଂଘପୌମାସ ଭାବ ସମନଗଣସହସପତ୍ସ ।(୩୦:୩୧)

ସଂଘର ଜୟ ହେଉ । ପଙ୍କ ଓ ପାଣିରୁ ପଦ୍ମ ନିଜକୁ ଅଲଗା ରଖିବା ଭଳି ସଂଘ ନିଜକୁ କର୍ମର ମଳିନତାରୁ ଦୂରେଇ ରଖେ । ସଂଘ ପଦ୍ମ ସଦୃଶ ଅଟେ । ଯାହାର ବୃନ୍ତଧର୍ମଶାସ୍ତ୍ର, ବୃତ୍ତି ପମହାପ୍ରତିଜ୍ଞା

ମୁନୀମାନେ ପାଖୁଡ଼ା ସଦୃଶ । ପଦ୍ମକୁ ଭ୍ରମର ପରିଭ୍ରମଣ କଲାଭଳି ସଂଘକୁ ଗୃହୀମାନେ ପରିଭ୍ରମଣ କରନ୍ତି । ସୂର୍ଯ୍ୟାଲୋକରେ ପଦ୍ମ ବିକଶିତ ହେବାଭଳି ଜୀନଙ୍କ ଉପଦେଶାବଳୀରେ ସଂଘ ବୃଧିଲାଭ କରେ । (୩୦-୩୧)

୪. ନିରୂପଣ ସୂତ୍ର

ଶାସ୍ତ୍ରାର୍ଥ ନିରୂପଣ ସମ୍ବନ୍ଧୀୟ ଉପଦେଶ

ଯୋନ ପମନନୟେହିଂ ନଖେବେନାଂ ନିରୀକ୍ଷବେ ଅଥମ୍ ।
ତ ସୟୁତଂ ୟୂତଂ ୟୂତଂ ଚ ପଡ଼ିହଡ଼ି । (୩୨)

ଯିଏ ପ୍ରମାଣ, ନ୍ୟାୟ ତଥା ନିକ୍ଷେପ ମାଧ୍ୟମରେ କୌଣସି ଶବ୍ଦର ଅର୍ଥ ହୃଦୟଙ୍ଗମ କରିବାକୁ ଅସମର୍ଥ ହୁଏ ତା'ପାଇଁ ସତ ଅସଦ୍‌ଭଳି ଏବଂ ଅସ୍ ସଦ୍ ଭଳି ପ୍ରତୀତ ହୁଏ । (୩୨)

ନାନଂ ହୋନି ସମନଂ ନାୟୋ ବି ନଦୁଶା ହିଦୟଭବଥ ।
ନିଖେଅ ବି ଉଭୟ ପରି ଅପେଦୀ ଗହନମ୍ । (୩୩)

ଜ୍ଞାନ ହିଁ ପ୍ରମାଣ ଅଟେ । ଜ୍ଞାତାର ଅନ୍ତଷ୍କରଣ ନ୍ୟାୟ ଅଟେ । ଜ୍ଞାନର ମାଧ୍ୟମ ନିକ୍ଷେପ ବା କୌଣସି ପ୍ରବନ୍ଧର ସମୂଚିତାର୍ଥ ପ୍ରକାଶ ନିମନ୍ତେ ହେତୁବାଦ ଅଟେ । (୩୩)

ଜିଚ୍ଛୟବବହାରନୟ, ମୂଳଭେୟ ନାୟନ ଶବବତାମ୍ ।
ନିଚୟସହନୟେଭଂ ପଜ୍ଜୟଜବବ୍‌ଥିୟଂ ମୁ ନାହା । (୩୪)

ନିଶ୍ଚୟ ନ୍ୟାୟ ଓ ବ୍ୟବହାର ନ୍ୟାୟ ଦୁଇଗୋଟିଏ ମୌଳିକ ନ୍ୟାୟ ରୂପେ ସ୍ୱୀକୃତ । ଦ୍ରବାର୍ଥିବ ନ୍ୟାୟ ଏବଂ ପର୍ଯ୍ୟାୟର୍ଥିକ ନ୍ୟାୟ ବା ପ୍ରକାରାତ୍ମକ ନ୍ୟାୟ ଉଭୟ ମିଶିଲେ ହିଁ କୌଣସି ପଦାର୍ଥିକୁ ଉତ୍‌ମ ରୂପେ ବୁଝି ହୁଏ । (୩୪)

ଯୋ ଶିୟ ଭେଦୁବୟରଂ ଧମ୍ମ ନଂ କୁନାଇ ଏଗବଧୁସା
ସେ ବବହାର ଭନ୍ନି ବିବାରୀୟ ନିଚୟ ହୋଇ । (୩୫)

ବ୍ୟବହାର ନ୍ୟାୟ ଆଂଶିକ ଅଟେ ଯେପରିକି ଏହା ଦ୍ୱାରା କୌଣସି ବସ୍ତୁକୁ ପୂର୍ଣ୍ଣ ରୂପେ ଦେଖାଯାଏ କିନ୍ତୁ ବସ୍ତୁ ଉପାଦାନ ଗୁଡ଼ିକପରେ ଧ୍ୟାନ କେନ୍ଦ୍ରୀଭୂତ ହୁଏ । ଏହାର ବିପରୀତ ହେଉଛି ନିଶ୍ଚୟ ନ୍ୟାୟ ଯଦ୍ୱାରା ବସ୍ତୁର ସାମଗ୍ରିକତା ବିଷୟରେ ବ୍ୟାପକ ଜ୍ଞାନ ଲାଭ କରିହୁଏ । (୩୫)

ବରାରେଣୁବଦିଶଇ ନଦିଶା ଚରିତଂ ଦଂଶନଂ ନାନମ୍ ।
ନଭି ନାନଂ ନ ଚରିତଂ ନ ଦଂଶନଂ ଜନଗ ସୁଧୋ । (୩୬)

ବ୍ୟବହାର ନ୍ୟାୟ ଦୃଷ୍ଟିରୁ ଏହା ପ୍ରତୀତ ହୁଏ ଯେ ଜଣେ ଜ୍ଞାନୀର ଆଚରଣ ବିଧି ଶ୍ରଧା ଓ ଜ୍ଞାନ ପୂର୍ଣ୍ଣମାତ୍ରାରେ ଥାଏ । କିନ୍ତୁ ବାସ୍ତବରେ ନିଶ୍ଚୟ ନ୍ୟାୟ ଦୃଷ୍ଟିରୁ ସେହି ଜ୍ଞାତାର ନଥାଏ ଆଚାରଣ ବିଧି, ନା ଶ୍ରଧା ନା ଜ୍ଞାନ । କିନ୍ତୁ କେବଳହିଁ ପରିଜ୍ଞାତା ଭାବରେ ଥାଏ । (୩୬)

ଏବଂ ବବହାର ନ୍ୟାୟ ପରିସିଧ୍ୱୋ ଜନ ନିଛୟନ୍ୟାୟେନ
ନିଛୟ ନ୍ୟାୟସିଦ୍ ପୁଦ ମୁନିନ ପବନ୍ତି ନାବବଣମ୍ମା । (୩୭)

ବ୍ୟବହାର ନ୍ୟାୟ ନିଶ୍ଚୟ ନ୍ୟାୟର ବିପରୀତ ବୋଲି ଜାଣିବାକୁ ହେବ । ଯେଉଁ ସନ୍ଥମାନେ ନିଶ୍ଚୟ ପନ୍ଥାକୁ ଆଶ୍ରିତ ସେମାନେ ହିଁ କେବଳ ନିର୍ବାଣର ଅଧିକାରୀ ଅଟନ୍ତି । (୩୭)

ଯହ ନ ବି ଶକମାନଯୋ ଅନଜରସଂ ବିନାଉଗହେୟମ୍।
ତହ ବବହାରେଣ ଭିନ୍ ପରମଥୁବୈସନମଶକ୍କମ୍ । (୩୮)

ଯେଭଳି କୌଣସି ଅଣ ଆର୍ଯ୍ୟକୁ କୌଣସି ବିଷୟ ବସ୍ତୁରେ ସମ୍ୟକ ଜ୍ଞାନ ଦେବାପାଇଁ ଅଣ ଆର୍ଯ୍ୟ ଭାଷାକୁ ମଧ୍ୟ ଛାଡ଼ିହୁଏ ନାହିଁ । ସେଭଳି ପରମସତ୍ୟକୁ ବୁଝାଇବା ପାଇଁ ବ୍ୟବହାର ନ୍ୟାୟକୁ ଛାଡ଼ି ହେବ ନାହିଁ । ଅର୍ଥାତ୍ କେବଳ ବ୍ୟବହାର ନ୍ୟାୟ ଦ୍ୱାର ପରମସତ୍ୟକୁ ଜାଣିହୁଏ । (୩୮)

ବବହରାରେ୯ଭୁୟଥ, ଭୂୟଥ ଦେଶିଦଦୁ ସୁଧ୍ୱନାଓ
ଭୂୟଥମସିଦ ଖଲୁ ସମଇଥି ହବଇ ଜୀବ । (୩୯)

ଏହା ସ୍ୱୀକୃତ ଯେ ବ୍ୟବହାର ନ୍ୟାୟ ଦ୍ୱାରା ବାସ୍ତବକୁ ବାସ୍ତବରୂପେ ବର୍ଣ୍ଣନା କରିହେବ ନାହିଁ । କିନ୍ତୁ ନିଶ୍ଚୟ ନ୍ୟାୟ ଦ୍ୱାରା ବାସ୍ତବକୁ ବାସ୍ତବରୂପେ ବୁଝି ବା ବୁଝାଇ ହେବ । ତେଣୁ ନିଶ୍ଚୟ ନ୍ୟାୟ ପନ୍ଥାର ଆଶ୍ରିତ ବ୍ୟକ୍ତି ବାସ୍ତବ ରୂପରେ ଦେଖିପାରେ । (୩୯)

ନିବୟମବଲମ୍ବନ୍ତ, ନିବୟତ ନିବୟଂଅଜାନନ୍ତ
ନିଶନ୍ତି ଚରଣକରଣଂ ବହିରକରଣ ଲସ କୈ । (୪୦)

ଯେଉଁମାନେ ନିଶ୍ଚୟ ନ୍ୟାୟର ଆଶ୍ରିତ ତଥାପି ମଧ୍ୟ ଏହାକୁ ଉତ୍ତମ ରୂପେ ହୃଦୟଙ୍ଗମ କରିନଥାନ୍ତି – ସେମାନେ ବ୍ୟାବହାରିକ ଦିଗର ଅପ୍ରଧାନ ନୀତିଗୁଡ଼ିକୁ ହତାଦର କରିବା ଦ୍ୱାରା ସମଗ୍ର ଶୃଙ୍ଖଳାରେ ବ୍ୟାଘାତ ଉପୁଜାଇଥାନ୍ତି । (୪୦)

ସୁଧ୍ୱୋ ସୁଧ୍ୱାଦେଶ ନୟବୋ ପରମଭବଦରିଶିହିମ୍
ବବହାର ଦେଶିଦ ପୁନ ଯେ ଦୁ ଅପରମେ ଥିବ ଭବେ । (୪୧)

ଯେଉଁମାନେ ଚରମ ସତ୍ୟକମୁ ଜାଣିଛନ୍ତି ସେମାନେ ବାସ୍ତବତାକୁ ସଠିକ୍ ହୃଦୟଙ୍ଗମ କରିପାରିବେ । କିନ୍ତୁ ଯେଉଁମାନେ କୌଣସି ଏକ ତଳସ୍ତରରେ ରହିଛନ୍ତି ସେମାନେ ବାସ୍ତବ ସତ୍ୟକୁ ନିଶ୍ଚୟ ନ୍ୟାୟ ମାଧ୍ୟମରେ ବ୍ୟାଖ୍ୟା କରି ବ୍ୟାବହାରିକ ନ୍ୟାୟ ଦୃଷ୍ଟିରୁ ବ୍ୟାଖ୍ୟା କରିବା ସମୁଚିତ ଅଟେ । (୪୧)

ନିବୟଯେ ବୁନେୟଂ କ ଭବେ କମି ବତାଇ ସମାନ
ବ୍ୟବହାରତ ଯ କରଇ ଯ ପୂଜଥିୟ କ୍ରୀତାମି (୪୨)

ବାସ୍ତବରେ ସନ୍ନ୍ୟାସୀମାନଙ୍କର ମାନସିକ ସ୍ଥିତିର କଳନା କରିବା ଅତ୍ୟନ୍ତ ଦୁଷ୍କର । ତେଣୁ ସନ୍ନାସୀମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ତାହା ସେମାନଙ୍କର ସନ୍ନାସ୍ୟଗତ ପ୍ରତିଷ୍ଠା ଦୃଷ୍ଟିରୁ ନିର୍ଣ୍ଣିତ ହେବା ବିଧି । (୪୨)

ତମଃ ସବେ ବି ନୟ, ମିଚ୍ଛଦିଠି ସପ୍ୟ ପଦିବଧ୍
ଅନୋନାନିମାୟ ଉନ ହବନ୍ତି ସମତାସଭାବ । (୪୩)

ତେଣୁ ସମସ୍ତ ନ୍ୟାୟ (ମତବାଦ) ଯେ ପର୍ଯ୍ୟନ୍ତ ସେସବୁ ନିଜ ନିଜ ମୂଳତଥ୍ୟ ମଧ୍ୟରେ ସୀମିତ ଥାଆନ୍ତି ସେ ପର୍ଯ୍ୟନ୍ତ ସେମାନେ ନ୍ୟାୟଭ୍ରଷ୍ଟତା ସ୍ଥିତିରେ ଥାଆନ୍ତି । କିନ୍ତୁ ଯେତେବେଳେ ସମସ୍ତ ମତବାଦ ଏକ ଅରେକ ଉପରେ ନିର୍ଭରଶୀଳ ହୋଇଥାନ୍ତି ସେସବୁହିଁ ସତ୍ୟରେ ରୂପାନ୍ତରିତ ହୋଇଥାନ୍ତି । (୪୩)

କାଯଂ ନାନାଦୀୟଂ ଉଶଗବବୟାଓ ଭବେ ଶାକମ୍ ।
ତଂ ତହା ସମୟରନ୍ତ ତଂ ସପଳଂ ହୋଇ ସବମପି । (୪୪)

ଆଚରଣ ବିଧି, ଜ୍ଞାନ ଇତ୍ୟାଦି ସଠିକ୍ ରୂପେ ବିବେଚିତ ହୁଏ ଯେତେବେଳେ ତଦ୍ୱାରା ସାଧାରଣ ନିୟମସବୁ ତଥା ବିଶେଷ ନିୟମ ସବୁ ସମରୂପେ ପ୍ରତୀତ ହୁଏ । ସେବୁ ଏଭଳି ବ୍ୟବହୃତ ହେବା ବିଧି ଯଦ୍ୱାରା ଲୋକମାନେ ତା ଉପରେ ଆସ୍ଥା ରଖିପାରିବେ । (୪୪)

୫. ସଂସାରଚକ୍ର ସୂତ୍ର

ଦେହାନ୍ତରପ୍ରାପ୍ତିଚକ୍ର ଉପଦେଶାବଳି

ଅଧୁବେ ଅସସୟାମି ସଂସାରମି ଦୁଃଖପାରଗ୍ଏ
କିଂ ନାମ ହୋଯିକ ତଂ କାମ୍ୟଂ ଯେନାହଂ ଦୁଗଇନଗଚ୍ଛେବ । (୪୫)

ଏ କ୍ଷଣଭଙ୍ଗୁର, ସ୍ୱଳ୍ପସ୍ଥାୟୀ ତଥା ଦୁଃଖପୂର୍ଣ୍ଣ ସଂସାରରେ ଏପରି କ'ଣ ଅଛି ଯାହାକୁ ଆଶ୍ରାକରି ମୁଁ ଦୁଃସ୍ଥିତିରେ ଜନ୍ମ ନେବା ଭଳି ହୀନତାରୁ ନିଜକୁ ରକ୍ଷା କରିପାରିବି ? (୪୫)

ଖତାମିତ ସୁଖ ବହୁକାଳଦୁଃଖ ପଗମଦୁଃଖ ଅନିଗମସୁଖ
ସଂସାରମୋଖସ ବିପଖଭୂୟ ଖନିଅନଂନ ଉକାମରୋଗ । (୪୬)

ଇନ୍ଦ୍ରିୟ ସୁଖ କ୍ଷଣିକ ଆନନ୍ଦ ଦିଏ । କିନ୍ତୁ ବହୁକାଳ ପର୍ଯ୍ୟନ୍ତ ଦୁଃଖ ଦିଏ । ଯେଉଁଥିରେ ସୁଖ କମ୍ ଦୁଃଖ ବେଶୀ ଏବଂ ସେ ସମୟ ହେଉଛି ମୁକ୍ତିପଥର କ□କ ସଦୃଶ ଏବଂ ଦୁର୍ଭାଗ୍ୟର ଗନ୍ତାଘର ସଦୃଶ । (୪୬)

ସୁଥଉଭି ମଗଯନ୍ତ କଥାଭି କେଳି ନରଯାହାସାର
ଇନ୍ଦ୍ରିୟ ବିଷୟଷ୍ଟେ ତାହା ବଥି ସୁହମ୍ ସୁଖୁଭିଗବିଥମ୍ । (୪୭)

କଦଳୀ ଗଛକୁ ସୂକ୍ଷ୍ମ ଭାବରେ ଚିରି ଚାଲିଲେ ତା ମଧ୍ୟରୁ କୌଣସି ସାରବସ୍ତୁ ବାହାରି ନପାରିଲା ଭଳି ଇନ୍ଦ୍ରିୟ ସୁଖ ମଧ୍ୟରେ କେଉଁଠି ହେଲେ ଶାନ୍ତି ନଥାଏ ଯଦିଚ ଅର୍ନ୍ତଦୃଷ୍ଟିରେ ଦେଖିଲେ । (୪୭)

ନରବିବୁହେଶରସୁଖଂ ଦୁଃଖଂ ପରମଥାଅ ଢ଼ୟଂବିନ୍ତି ।
ପରିଣାମଦରୁନମସସୟଂ ଚ ଯଂ ତ ଅଳଂ ତେନ । (୪୮)

ବାସ୍ତବରେ ଦେଖବଲେ ନରେନ୍ଦ୍ର (ରାଜା) ବା ଦେବେନ୍ଦ୍ର (ଇନ୍ଦ୍ର) କିଭଳି ସଭାମାନେ ଯେଉଁ ଆନନ୍ଦ ଉପଭୋଗ କରିଥାନ୍ତି ତାହା ମଧ୍ୟ ଯନ୍ତ୍ରଣାଦାୟୀ କାରଣ ତାହା କ୍ଷଣସ୍ଥାୟୀ ଏବଂ ଦୁଃଖାନ୍ତକ । ତେଣୁ

ସେଭଳି ଆନନ୍ଦରୁ ନିଜକୁ ଦୁରେଇ ରଖିବା ଶ୍ରେୟ । (୪୮)

ଯହ କଚ୍ଛୁଲ୍ଲ କୁଚ୍ଛୁହ ବଣଦୟମାନ ଦହଂ ମୁନଇସୁଖମ୍ ।
ମୋ ହଭର ମନୁସା ତହ କମ୍ ଦୁହଂ ସୁହଂ ବିନ୍ତି । (୪୯)

ଶରୀରରେ ହୋଇଥିବା କଷ୍ଟଦାୟକ କ୍ଷତକୁ ବ୍ରତର ସଂକେତ ରୂପେ ଗ୍ରହଣ କରି ଆନନ୍ଦ ଲାଭ କଲାଭଳି ମୋହାଚ୍ଛନ୍ନ ବ୍ୟକ୍ତି ଇନ୍ଦ୍ରିୟ ସୁଖକୁ ଆନନ୍ଦଦାୟୀ ମନେ କରିଥାଏ । (୪୯)

ଭୋଗମିଶ ଦୋଷବିଷନେ ହିୟନିଶେୟସବୁଧି ବଙ୍ଗଥେ ।
ବଳେ ୟା ମନ୍ଦିଏ ମୂଢ଼େ ବାଝଇ ମାଚ୍ଛିଆ ବା ଖେଳାମି । (୫୦)

ଦୈହିକ ସୁଖରେ ନିମଜ୍ଜିତଥିବା ବ୍ୟକ୍ତି ଐଶ୍ୱରୀୟ ସୁଖ ନିମିତ୍ କ’ଣ ଆବଶ୍ୟକ ତାହା ଜାଣିବାକୁ ବିକୃତ ମତବାଦ ପୋଷଣ କରେ । ତିମିରାଚ୍ଛନ୍ନ ହୋଇ ମୋହଗ୍ରସ୍ତ ଅବସ୍ଥାରେ ଶ୍ଳେଷ୍ମାବଧ୍ ମକ୍ଷିକାଟିଏ ଭଳି ନିଜ କର୍ମପନ୍ଥାରେ ଆବଧ୍ ରହେ । (୫୦)

ଜ୍ଞାନିଯାଇ ଚିନ୍ତ ଯାଇ ଯମଜରାମରଣ ସମ୍ଭବଂ ଦୁଖମ୍ ।
ନ ଯ ବିଷୟେଷୁ ବୀରଜାଇ, ଅହୋ ସୁବଧ୍ କବଦିଗଣ୍ଠି । (୫୧)

ଜନ୍ମ, ଜରା ଓ ମୃତ୍ୟୁର ଯନ୍ତ୍ରଣା ବିଷୟରେ ସମସ୍ତେ ଅବଗତ ଅଟନ୍ତି । ତଥାପି କେହି ହେଲେ ନିଜର ଇନ୍ଦ୍ରିୟ ଲାଳସା ତ୍ୟାଗ କରିବାକୁ ପ୍ରସ୍ତୁତ ହେଉନାହିଁ । ଆହା କି ସୁଦୃଢ଼ ଏ ଆତ୍ମାଭିମାନର ବନ୍ଧନ । (୫୧)

ଯୋ ଖଲୁ ସଂସାରଣ ଜୀବ ତତ ଦୁ ହୋଦି ପରିମାଣ
ପରିଣାମାଦ କାମଂ, କମଦୋ ହୋଦି ଗାଦିଷୁ ଗାଦି ।
ଗାଦୀମଧିଣଦସ ହେବ, ଇନ୍ଦିୟାନି ଜାୟନ୍ତେ
ତେହିଂ ଦୁ ବିଷୟ ପହନଂ ତତୋ ରାଣ ବା ଦୋଷବା
ଜୟଦି ଜୀବସେବାଂ ଭବ ସଂସାରଚକାବଲମୀ ।
ଇଦି ଜୀବନବରେହୀଂ ଭଗିଦ ଅନଦିନିଧାନ ସନିଧାନ ବା (୫୨:୫୪)

ସାଂସାରିକ ମୋହାଚ୍ଛନ୍ନ ବ୍ୟକ୍ତି ଆକର୍ଷଣ ଓ ବିକର୍ଷଣ ଭାବନାରେ ଆବଧ୍ ହୁଏ । କର୍ମ ତାର ଆତ୍ମାକୁ ବନ୍ଧନରେ ପକାଏ । କର୍ମ ବନ୍ଧନର ପରିଣାମ ହେଉଛି ଜନ୍ମ ଚକ୍ରରେ ଛନ୍ଦି ହେବା ଭଳି । ଜନ୍ମଲାଭ କରିବା ହେତୁ ସେ ଏକ ଶରୀର ଧାରଣ କରେ । ଶରୀର ଦ୍ୱାର ସ୍ୱରୂପ ଇନ୍ଦ୍ରିୟମାନେ ଥାଆନ୍ତି । ଇନ୍ଦ୍ରିୟମାନେ ନିଜକୁ ସୁହାଇବା ଭଳି ସୁଖପଥମାନ ବାଛି ନିଅନ୍ତି । ପ୍ରତିବଦଳରେ ବିଷୟ ସୁଖରେ ପ୍ରବୃତି ଓ ନିବୃତି ପହଟେ । ଆତ୍ମା ଏହିପରି ଜନ୍ମ ମୃତ୍ୟୁ ଚକ୍ରରେ ଗୁଛି ହୋଇଯାଏ । ସେଥିପାଇଁ ପରମ ଜୀନ କହିଛନ୍ତି ଯେ ଆମବା ସ୍ୱାଭବତଃ ଆଦି ଅନ୍ତହୀନ ତଥାପି ଆତ୍ମାର ଅବସାନ ଘଟେ ମୃତ୍ୟୁରେ । (୫୨:୫୪)

ଯମଂ ଦୁଃଖଂ ଜରା ଦୁଃଖଂ ରୋଗୟା ମରଣାନି ୟା
ଅହୋ ଦୁଃଖହୁ ସଂସାର ଯାତାଃ କିସନ୍ତି ଜନ୍ତବୋ । (୫୫)

ଜନ୍ମ ଦୁଃଖର କାରଣ । ଜର, ବ୍ୟାଧି ଓ ମୃତ୍ୟୁ ମଧ୍ୟର ଦୁଃଖର କାରଣ । ଆହା – ବାସ୍ତବରେ ସାଂସାରିକ ସ୍ଥିତି ହିଁ ଦୁଃଖଦାୟକ ଯେଉଁଠି ଆନନ୍ଦରେ ପତଙ୍ଗ ଝାସ ଦେଲାଭଳି ପ୍ରାଣୀ ଅହରହ କଷ୍ଟ ଭୋଗୁଥାଏ । (୫୫)

୬. କର୍ମସୂତ୍ର

କର୍ମ ସମ୍ବନ୍ଧୀୟ ଉପଦେଶାବଳି

ଯୋ ଯେନ ପରରେଣଂ ବ ନିଯାଯୋ ତମନହା ଫୋତୁ ।
ମାନତି କରେତି ବଦତି ବା ବିପରୀୟାଶ ଭବେ ଏଷ । (୫୬)

ଯଦି କୌଣସି ବସ୍ତୁର ନିର୍ଧିଷ୍ଟ ଏକ ସଭା ଅଛି । ତାହାଲେ ତା ସଭା ବ୍ୟତୀତ ଅନ୍ୟ କୌଣସି ଭାବର ବିଚାର କରିବା ତାହା ଅନ୍ୟ କିଛି ହୋଇଥିବ ଭାବି କାର୍ଯ୍ୟ କରିବା କିମ୍ବା ତାର ଅନ୍ୟ ସଂଜ୍ଞା ନିରୂପଣ କରିବା ଦୋଷଯୁକ୍ତ ଅଟେ । (୫୬)

ଯଂ ଯଂ ସମୟଂ ଜୀବ ଅଭିଷଇ ଯେନ ଯେନ ରାବେନ
ସୋ ତମି ତମି ସମାଇ ସୁହାସୁହଂ ବନ୍ଧଇ କମ୍ମ୍ । (୫୭)

ଯେତେବେଳେ ଜୀବାତ୍ମା ଯେ କୌଣସି ମାନସିକ ସ୍ଥିତିରେ ରହେ ତଦନୁଯାୟୀ ସେହି ସମୟରେ ସେହି ଜୀବାତ୍ମା ଅନୁରୂପ ଭଲ ବା ମନ୍ଦ କର୍ମରେ ନିଜକୁ ଛନ୍ଦିଦିଏ । (୫୭)

କୟସ୍ୟ ବୟସ ସତେ୍ କିତେ୍ ଗିଧେୟା ଇଥିସୁ
ଦୁହାୟ ମଳଂ ସିନର ଶିଶୁନଗୁ ବା ମାଟିୟାମ । (୫୮)

ଯେ ନିଜର ଶାରୀରିକ କର୍ମ ଓ ବଚନ ପ୍ରତି ଅସର୍କେ ରହି ଧନକାମୀ ଓ ନାରୀଲୋଭି ହୋଇପକ୍ଷେ ସେ କର୍ମବନ୍ଧନରେ ପଡ଼ି ଆସକ୍ତି ଓ କୃଣା ରୂପକ କର୍ମର ମନସବୁ ଗଚ୍ଛିତ କରିଥିଲେ – ଯେପରି ମାଟି ଭିତରେ ଥିବା ଜିଆ ଉଭୟ ଭିତରେ ଓ ବାହାରେ କେବଳ ମାଟି ଗଚ୍ଛିତ କରି ରଖିଥାଏ । (୫୮)

ନ ତସ ଦୁଃଖଂ ବିବହନ୍ତି ନାୟୋ, ନମିତଭାଗା, ନସୂୟା ନବାନ୍ଧବା
ଏକ ସାୟଂ ପଚନୁହୋଇ ଦୁଃଖ, କତ୍ାରମେବ ଅନୁଯାୟୀ କମାମା ।

କର୍ମ କେବଳ କର୍ତ୍ତାକୁ ପର୍ବର୍ତ୍ତାଏ । ସେଥିପାଇଁ କର୍ତ୍ତା ନିଜେ କେବଳ ଦୁଃଖ ଭୋଗେ । ତା'ର ଜାତି ଭାଇମାନେ ନୁହଁନ୍ତି, ସାଙ୍ଗ ସାଥୀ ନୁହଁନ୍ତି । ପୁତ୍ରମାନେ ନୁହଁନ୍ତି ଭ୍ରାତାମାନେ ନୁହଁନ୍ତି । କେହି ତା'ର ଜଞ୍ଜାଳରେ ଭାଗୀ ହୁଅନ୍ତି ନାହିଁ । (୫୯)

କାମଂ ଚିନନ୍ତି ସବଶ ତଶୁଦୟାମିର ପରାଭାଷ ହୋନ୍ତି
ରୁଖାଂ ଦୁରୁହାଇ ସବାଶ ବିଗଳଇ ସ ପରବାସୋ ତତୋ । (୬୦)

ଯେପରି ବ୍ୟକ୍ତି ଗଛ ଚଢ଼ିବା ସମୟରେ ନିଜ ଅଧିନରେ ଥାଏ କିନ୍ତୁ ଯେତେବେଳେ ସେ ଗଛରୁ ଖସିପଡ଼ିବା ଆରମ୍ଭ କରେ – ସେତବେଳେ ନିଜକୁ ପଡ଼ିଯିବାରୁ ରୋକିବାରେ ଆଉ କ୍ଷମତା ନଥାଏ –

ସେହିପରି ଜୀବାମବା କର୍ମ ସଂଗ୍ରହ କାଳରେ ନିଜ ଅଧିନରେ ଥାଏ ମାତ୍ର ଥରେ କର୍ମପନ୍ଥାରେ ଆବଧ୍ ହୋଇଗଲେ କର୍ମଫଳ ପ୍ରାନ୍ତରୁ ନିଜକୁ ରକ୍ଷା କରି ପାରେ ନାହିଁ । ଅର୍ଥାତ୍ ତାର ଇଚ୍ଛାଧିନ ମାତ୍ର କର୍ମଫଳ କେବଳ କର୍ମର ଅଧିନ । ନିଜ ଇଚ୍ଛାରେ ତାକୁ ବଦଳାଇ ହେବନାହିଁ । (୬୦)

କାମାବଶ ଖଲୁ ଜୀବ ଜୀବବଶଂ କହିଠ ଚି କାମାଇମ୍ ।
କଥାଇ ଧନିଅ ବଲରଂ ଧରଣୀୟ କଥହିଁ ବଲଭମ୍ । (୬୧)

ବେଳେ ବେଳେ (ଯେତେବେଳେ କର୍ମ ଫଳଧାରଣ କରେ) ଜୀବାତ୍ମା କର୍ମର ଅଧିନ ତଥା ଅନ୍ୟ ସମୟରେ (ଅର୍ଥାତ୍ ଯେତେବେଳେ କର୍ମ କରାଯାଏ) କର୍ମ ଜୀବାତ୍ମାର ଅଧିନ ଅଟେ । ଠିକ୍ ଯେମିତି ଋଣ ଦେବାବେଳେ ଋଣଦାତା ଶ୍ରେଷ୍ଠ ଥାଏ - ଗ୍ରହୀତା ଅନୁଗୃହୀତ ଥାଏ ଏବଂ ଋଣ ପରିଶୋଧ କାଳରେ ଋଣଗ୍ରହୀତା ଶ୍ରେଷ୍ଠ ଥାଏ ଏବଂ ଋଣଦାତା ଅନୁଗୃହିତ ଅବସ୍ଥାରେ ଥାଏ । (୬୧)

କାମତ୍ ଅନେନ ଏକଂ ଦବଂ ଭବ ଭି ହୋବି ଦୁବିହଂ ତୁ ।

ପୋଗଲପିଣ୍ଡ ଦବଂ ତସଭି ଭବକମଂ ତୁ । (୬୨)

ବାସ୍ତବରେ କର୍ମ ମାତ୍ର ଗୋଟିଏ ପ୍ରକାରର । କିନ୍ତୁ ଏହା ଦୁଇଭାବରେ ଗଣାଯାଏ । ଦ୍ରବ୍ୟ କର୍ମ ଓ ଭାବ କର୍ମ । ଦ୍ରବ୍ୟକର୍ମ ହେଉଛି ଶରୀରଧାରୀ କଣିକାମାନଙ୍କର ଏକ ସମଷ୍ଟି । ଭାବକର୍ମ ହେଉଛି ଜୀବର ଅନ୍ତର୍ନିହିତ କ୍ଷମତା (ଏବଂ ଏହି କ୍ଷମତା ନିର୍ଭର କରେ ଜୀବର ଭଲ ବା ମନ୍ଦ ପ୍ରତି ଆକର୍ଷଣ ବା ବିକର୍ଷଣ ଉପରେ । (୬୨)

ଯୋ ଇନ୍ଦିୟାଦି ବିଜୟୀ ଭବୀୟ ରଭୀ ଆଗମ ଅନାଗମ ଝଡ଼ି ।

କାମେହାଂ ସୋ ନ ଇଞ୍ଜିନ୍ କିହ ତଂ ପତା ଅନୁଚରନ୍ତି । (୬୩)

ନିଜ ଇନ୍ଦ୍ରିୟ ଉପରେ ଯିଏ ବିଜୟ ହାସଲ କରିଛି ଏବଂ ଆତ୍ମାର ବାସ୍ତବ ରୂପକୁ ଧ୍ୟାନ କରିଚାଲିଛି ସେ କର୍ମରେ ଆବଧ୍ ହୁଏ ନାହିଁ । ପ୍ରାଣ ଯାହାକି ସାଂସାରିକ ବସ୍ତୁରେ ଗଢ଼ା ତାହା କିପରି ସେହି ମହାତ୍ମାଙ୍କ ପିଛା କରିପାରିବ ।? (ଅର୍ଥାତ୍ ତାର ଆତ୍ମା ଜନ୍ମ ଚକ୍ରରେ ପଡ଼ିପାରେ ନାହିଁ । ସଦାମୁକ୍ତିର ପଥରେ ଥାଏ) । (୬୩)

ସଂକ୍ଷେପରେ କର୍ମ ଆଠ ପ୍ରକାରର (୧) ଜ୍ଞାନାବରଣୀୟ (ଆବରଣ ସୃଷ୍ଟି କରୁଥିବା ଜ୍ଞାନ) (୨) ଦର୍ଶନା ବରଣୀୟ (ଦେଖିବାରେ ଆବରଣ ସୃଷ୍ଟିକାରୀ) । (୩) ବେଦନୀୟ (ଭାବନା ଉଦ୍ରେକକାରୀ) (୪) ମୋହନୀୟ (ମୋହପ୍ରଦାନକାରୀ) (୫) ଆୟୁ (ଜୀବନକାଳ ନିରୂପଣକାରୀ) (୬) ନାମ (ଶରୀର ନିର୍ଣ୍ଣୟକାରୀ) (୭) ଗୋତ୍ର (ମର୍ଯ୍ୟାଦା ପ୍ରଦାନକାରୀ) (୮) ଅନ୍ତରାୟ (ଆତ୍ମାର ଶକ୍ତି ମର୍ଯ୍ୟାଦାକାରୀ । ( ୬୪:୬୫)

ନାନାଣାବରନିଜଂ, ଦଂଶନବରନଂ ତହା, ବେୟାନିଜଂ ତହାମୋହଂ
ଔକମଂ ତହେବ ଯା, ନାମ କାମଂ ଚ ଗୋୟଂ ଚ ଅନ୍ତରାୟଂ
ତହେବବା ଏବଂଏୟାଇଂ କାମାଇଂ ଅନେକ ଉ ସମସାଅ । (୬୪:୬୫)

ପଦ ପରିହାର ସି ମଜ ହଦ ଚିତ୍ କୂଳ ଭଣ୍ଡଗାରିଣାମ୍

ଯହା ଏସିଂ ଭବ କାମ୍ମନା ବି ଯନ ତହ ଭବ (୬୬)

ଏହି ଅଷ୍ଟକର୍ମର ପ୍ରକୃତି୍ ସବୁ ଯଥାକ୍ରମେ ଏକ ପରଦା, ଜଣେ ଚୌକିଦାର, ଏକ ଖଣ୍ଡା, ମଦ୍ୟ, କାଠର ଏକ ପେଡ଼ି, ଜଣେ ଚିତ୍ରକର, ଜଣେ ପାତ୍ରକର ଓ ଜଣେ କୋଷଗାର ରକ୍ଷକ ଭଳି ଅଟନ୍ତି । (୬୬)

ବିଶଦାର୍ଥ – ଏହି ଶ୍ଳୋକରୁ କର୍ମର ଆଠଟି ପ୍ରବୃତି୍ ବୁଝାଯାଏ ।

(୧) ଜ୍ଞାନକୁ ଆଚ୍ଛାଦନ କରିବା ନିମନ୍ତେ କର୍ମ ଯେଭଳି ପରଦା ଗୃହ ମଧ୍ୟସ୍ଥ ବସ୍ତୁକୁ ବାହାର ଦର୍ଶନକାରୀ ନିକଟରୁ ଲୁଚାଇ ରଖେ । (୨) ଦର୍ଶନା ବରଣୀୟ କର୍ମ ଜଣେ ବ୍ୟକ୍ତିକୁ ଚୌକିଦାର ଦର୍ଶନାଭିଳାଷୀ ବ୍ୟକ୍ତିଠାରୁ ଅଟକାଇଲା ଭଳି ଅଟକରେ ଓ ନିଜେ ବାଟ କଢ଼ାଇ ନିଏ । (୩) ବେଦନୀୟ କର୍ମ ସମସ୍ତ ସୁଖ ଓ ଦୁଃଖର କାରଣ ଅଟେ, ଯେଭଳି ଅସିଧାରରେ ମହୁବୋଳା ହୋଇଥିଲେ ଚୋଷିବାର ସ୍ୱାଦ ଆନନ୍ଦ ଦିଏ କିନ୍ତୁ ଜିହ୍ୱା ଛେଦନ ହେବାରେ ଭୟ ଦୁଃଖ ଦେଇଥାଏ ।

(୪) ମୋହନୀୟ କର୍ମ ସୁରାଭଳି ମାୟା ଜାଲ ସୃଷ୍ଟି କରେ ।

(୫) ଆୟୁ କର୍ମ ଆତ୍ମାକୁ ଶରୀର ସହ ବାନ୍ଧି ରଖେ । ଯେପରି ଗୋଡ଼ରେ ବେଡ଼ି ପକାଇ ଜଣକୁ କିଛି ସମୟ ଗୋଟିଏ ସ୍ଥାନରେ ଅଟକ ରଖାଯାଏ ।

(୬) ନାମ କର୍ମ ଆତ୍ମାକୁ ବହୁଯୋନିରେ ଜାତ କରାଏ । ଯେପରି ଜଣେ ଚିତ୍ରକର ବିଭିନ୍ନ ପ୍ରକାରଣ ଛବି ଆଙ୍କେ ।

(୭) ଗୋତ୍ରକର୍ମ ଯୋଗୁଁ ଜୀବ ଉଚ୍ଚ ବା ନୀଚ ପରିବାରରେ ଜନ୍ମ ହୁଏ । ପେରି ଜଣେ ପାତ୍ରକାର ଛୋଟ ବଡ଼ ସବୁ ପ୍ରକାର ପାତ୍ର ସୃଷ୍ଟି କରେ ।

(୮) ଅନ୍ତରାୟ କର୍ମ ଜଣକୁ ସୁକାର୍ଯ୍ୟକରୁ ନିବୃତ୍ କରେ । ଯେପରି ଜଣେ କୋଷାଗାର ରକ୍ଷକ କୋଷାଧିକାରୀଙ୍କୁ ଦାନ ବା ଉପହାର ଦେବାକୁ ବାରଣ କରେ ।

୭. ମିଥ୍ୟାତ୍ୱସୂତ୍ର

ମିଥ୍ୟାତ୍ୱ ସମ୍ବନ୍ଧୀୟ ଉପଦେଶାବଳୀ

ହା ! ଯାହା ମୋହିୟମାୟିନ ସଗାଇମଗଂ ଅଜାନମାଜିନାମ୍
ହା ! ଭବକାନ୍ତାରେ ସୁଚିରଂ ଭମିୟଂ ଭୟକରମି । (୬୭)

ଆଃ ! ମୁଁ ମୋ ମାୟାଛନ୍ନତା ଯୋଗୁଁ ଆଜିପର୍ଯ୍ୟନ୍ତ ମୁକ୍ତିର ମାର୍ଗକୁ ଚିହ୍ନିପାରିଲି ନାହିଁ । ତେଣୁ ଭୟଙ୍କର ତମସାଛନ୍ନ ସଂସାର ଚକ୍ରରେ ମୁଁ ପଡ଼ି ରହିଛି । (୬୭)

ମିଛତାଂ ବେଦନ୍ତ ଜୀବ ବିବରୀୟ ଦଂଶନ ହୋଇ
ନ ଯା ଧମ୍ମଂ ରୋଚେଦି ହୁ ମହୁରମପି ରସଂ ଯାହା ଜରିଦ । (୬୮)

ମାୟାନ୍ଧକାରରେ ଘା□ ହେବା ଦୃଷ୍ଟିରୁ ଆତ୍ମାର ପ୍ରବୃତି୍ ବିକାରଗ୍ରସ୍ତ ହୋଇ ପଡ଼େ ଏବଂ ଧର୍ମଠାରୁ

ଦୂରେଇ ଯାଏ । ଯେମିତ ଜରବ୍ୟାଥିଗ୍ରସ୍ତ ବ୍ୟକ୍ତିକୁ ମିଠେଇଟିଏ ମଧ୍ୟରୁ ଚେନାହିଁ । (୬୮)

ମିଛତ ପରିଣଦପା ତିହକସୟେନ ସୁଖୁ ଅଭିଥ ।
ଜୀବଂ ଦେହମେକଂ ମନଚକ୍ର, ବେ ବହିଗ୍ରପା । (୬୯)

ବିକାରଗ୍ରସ୍ତ ଜୀବାତ୍ମା ଯିଏ ସବୁବେଳେ କାମନା ବାସନାରେ ମଜ୍ଜି ରହିଥାଏ – ଏବଂ ସେଥିପାଇଁ ଆତ୍ମା ଓ ଶରୀର ଉଭୟ ଭାବରେ ସେ ଏକ ବାଚାଳ ଭଳି ବ୍ୟବହାର କରେ । (୬୯)

ଯୋ ଯହା ଭୟଂ ନ କୁଣାଇ ମିଛଦିତ ତାଓହୁକୋ ଅନୋ
ବଢ଼ଇ ଯା ମିଛତାଂ ପରସ ଶଙ୍କାଂ ଜନେମାନୋ । (୭୦)

ଜୀନଙ୍କ ଉପଦେଶ ଅନୁସାରେ ଯିଏ ନିଜ ଜୀବନକୁ ଗଢ଼ି ନପାରେ ତାଠାରୁ ଭଳି ଧର୍ମ ବିଦ୍ୱେଷୀ କିଏବା ଥାଇପାରେ ? ସେ ଅନ୍ୟଠାରେ ସଂଦେହ କରି (ଜୀନଙ୍କ ପ୍ରଦଶିତ ସତ୍‌ପନ୍ଥା ଗ୍ରହଣ ନକରି) ଧର୍ମ ସଂକଟରେ ପଡ଼ିଯାଏ । (୭୦)

୮. ରାଗ ପରିହାର ସୂତ୍ର

ଆସକ୍ତି ଛେଦନ ସଂବନ୍ଧୀୟ ଉପଦେଶାବଳୀ

ରାଗୋ ଯା ଦୋଷୋଭି ଯା କାମାବିୟଂ କାମଂ ଚ ମୋହପର୍ତ୍ୟଂ
ବରୟନ୍ତି କାମଂ ଚ ପେମର ନାଶ ମୂଳଂ ଦୁଖଂ ଚଜରାମରଣଂ ଜୟନ୍ତି । (୭୧)

ଅନୁରକ୍ତି ଓ ବିରକ୍ତି କର୍ମର ବୀଜ ସ୍ୱରୂପ । ମୋହରୁ କର୍ମର ଆରମ୍ଭ । କର୍ମ ହିଁ ଜନ୍ମ ଓ ମୃତ୍ୟୁର ମୂଳକାରଣ ଜନ୍ମ ଓ ମୃତ୍ୟୁ ସମସ୍ତ ଦୁଃକର ଗନ୍ତାଘର । (୭୧)

ନଭିତଂ କୁନିଇ ଅମିତ ସୁଥୁବି ଯା ବିରହିୟ ସମନଥାଭି ।
ଯଂ ଦୋଭି ଅନିଗହୀୟ କରନ୍ତି ରାଗୋୟା ଦୋଷାୟା । (୭୨)

ଏପରି ସବୁଠୁଁ ବଡ଼ ଶତ୍ରୁ ମଧ ଅନୁରକ୍ତି ଓ ବିରକ୍ତି ଭାବରୁ ସୃଷ୍ଟି ହେଉଥିବା କ୍ଷତିଠାରୁ ଅଧିକ କ୍ଷତି ପହାଇ ପାରେନାହିଁ । (୭୨)

ନ ଯା ସଂସାରମି ସୁହଂ ଯୈ ଜରାମରଣ ଦୁଃକ ଗହିୟାସ
ଗୀନସ୍ ଅଖି ଯାହାଁ ତହାଁ ମୁଖ ଉନଦେଅ । (୭୩)

ଜନ୍ମ ଜରା ମୃତ୍ୟୁର କବଳିତ ହୋଇ ଜୀବ ଯେପରି ଏ ସଂସାରରେ ଶାନ୍ତି ପାଇପାରେନା ତେଣୁ ସେଥିପାଇଁ ତା'ର ମୁକ୍ତିର ପଥ ଏକାନ୍ତ କାମ୍ୟ । (୭୩)

ତଂ ଯୈ ଇଚ୍ଛସି ଗନ୍ତୁଂ ତିରଂ ଭବଶୟରାସ ଘୋରସ
ତୋ ଚବସଂଯମଭାଣ୍ଡଂ ସୁବିହୀୟ ! ଗିନହି ତୁରନ୍ତି (୭୪)

ତୁମେ ଯଦି ଏହି ଭବ ସଂସାର ପାରିହେବାକୁ ଇଚ୍ଛା କରୁଛି, ତେବେ ହେ ଗୁଣୀଜନ – ତୁମେ ତପସ୍ୟା ଓ ଆତ୍ମସଂଯମ ରୂପକ ନାବକୁ ଭରସା କର । (୭୪)

ବହୁ ଭୟଙ୍କର ଦୋଷାନାଂ ସମାତଚରିତ ଗୁଣ ବିନାଶନଂ
ନହୁ ବସମ୍ଧତାନ୍ତାଙ୍କ ରାଗଦୋଷନ ମବନମ୍ । (୭୫)

ଅନୁରକ୍ତି ଓ ବିରକ୍ତି ଭଳି ଦୋଷଯୁକ୍ତି, ଧର୍ମନାଶୀ ତଥା ସମସ୍ତ ସୁଗୁଣ ବିନାଶକୁ ପ୍ରବୃତ୍ତି ଠାରୁ ଜଣେ ନିଜକୁ ଦୂରେଇ ରହିବା ଉଚିତ୍ । (୭୫)

କାମାନୁଗିଧି ପାଭବଂ ଖୁ ଦୁଃଖଂ ସବସ ହୋଗସସଦେବଗସ
ଯଂ କାଇଅଂ ମନସୀୟଂ ଚ କିଚିତସନ୍ତ ଗଂ ଗଛଇ ବ୍ୟଗଗ । (୭୬)

ସମସ୍ତ ମନୁଷ୍ୟ ତଥା ଦେବତା ମାନଙ୍କର ଶାରୀରିକ ଓ ମାନସିକ ପୀଡ଼ାର ଅନ୍ୟତମ କାରଣ ହେଉଛି – ଅନବରତ ଇନ୍ଦ୍ରିୟ ଲାଳସା । ଯାହାର ଲାଳସା ନାହିଁ ସେ ଦୁଃଖମୁକ୍ତ । (୭୬)

ଯେନ ବିରାଗ ଯାୟତି ତଂ ତଂ ସବାୟରେଣ କରନିଜଂ
ମୁଚ୍ଛହହୁ ସଂସବେରି ଅନନ୍ତ ବେହୋର ଅସଂବେଶି । (୭୭)

ଯାହା ତୃଷ୍ଣାରୁ ମୁକ୍ତି ଦିଏ – ତାକୁ ସମ୍ମାନର ସହ ଅଭ୍ୟାସ କରିବା ବିଧି । କାମନାରୁ ମୁକ୍ତି ସେ ଏ ଭବସଂସାରରୁ ମୁକ୍ତି ପାଏ । ଯିଏ କାମନାରେ ବନ୍ଧା ସେ ଉଦ୍ଦେଶ୍ୟ ହୀନ ଭାବେ ଏ ଭବସାଗରରେ ଘୁରି ବୁଲୁଥାଏ ।

ଏବଂ ସଶଂକ ପାବିକପାଣସଂ ସଂଜୟର ସମୟମୁ ଭଥିଅସ ।
ଅତ୍ୟ ୟା ଶଂକପାୟାୟ ତାଓ ସେ ପହିୟଇ କାମଗୁଣୋଷୁ ତନହା । (୭୮)

ଯିଏ ଜାଣିପାରେ ଯେ ତା'ର ସମସ୍ତ ଦୁଃଖର କାରଣ ହେଉଛି ତା'ର କାମନା । ତାର ମସ୍ତିଷ୍କ ସନ୍ତୁଳିତ ଅଟେ । ଯେତେବେଳେ ସେ ଇନ୍ଦ୍ରିୟ ସୁଖ କାମନା କରେ ନାହିଁ ତାର ଇନ୍ଦ୍ରିୟମାନ ଆସ୍ତେ ଆସ୍ତେ ନିସ୍ତେଜ ହୋଇ ପଡ଼ନ୍ତି । (୭୮)

ଅନ୍ନଂ ଇମଂ ଶରୀରଂ ଅନ୍ନୋ ଜୀବୁ ଟି ନିଚୟମାୟ
ଦୁଖ ପରିକେଶକାରଂ ଛିନ୍ଦ ମମତାଂ ଶରୀରଓ । (୭୯)

ବାସ୍ତବରେ ଆମବା ଓ ଶରୀର ପରସ୍ପର ଠାରୁ ପୃଥକ୍ ତେଣୁ ଶରୀର ପ୍ରତି ମୋହ ତ୍ୟାଗ କର କାରଣ ଏହି ଶରୀର ମୋହ ହିଁ ସମସ୍ତ ଯନ୍ତ୍ରଣାର କାରଣ । (୭୯)

କାମାସବଦାରାଇଂ ନିରୁମ୍ଭୀୟାବାଇଂ ଇନ୍ଦିୟାଇଂ ଚ
ହନ୍ତବ ୟା କଷୟ ତିବିହଂ ତିବିହେନ ମୁଅତାଂ । (୮୦)

ନିର୍ବାଣ ପ୍ରାପ୍ତି ନିମିତ୍ ଜଣେ କର୍ମର ସମସ୍ତ ଅନୁସ୍ରୋତର ଗତି ରୋକିବା ଉଚିତ୍ । ନିଜର ଇନ୍ଦ୍ରିୟ ସୁଖକୁ ଯଥା ସମ୍ଭବ କମ୍ କରିବା ଉଚିତ୍ – ସମସ୍ତ ବାସନା ପରିତ୍ୟାଗ କରିବା ଉଚିତ୍ । ଏ ସମସ୍ତ ଲାଭ କରିବାର ଉପାୟ ହେଉଛି ମନ, ବଚନ ଓ ଶରୀର । କର୍ମର ଏହି ତିନୋଟି ପନ୍ଥା ତଥା କାର୍ଯ୍ୟ କରିବ, କରାଇବା ଓ କାର୍ଯ୍ୟର ଫଳଲାଭ କରିବା କର୍ମର ଏହି ତ୍ରିଧାରା ମାଧ୍ୟମରେ । (୮୦)

ଭବେ ବିରତ ମନୁଅ ଭିଷଗୋ ଇନ୍ ଦୁଖହାପରଂ ପରେଣ

ନଲିପଇ ଭବମଝେ ବି ସନ୍ତୋ ଜଳେନ ବା ପୋଣିଣୀ ପଲାଣମା । (୮୧)

ସଂସାର କାମନାରୁ ବିରତ ହୋଇ ବ୍ୟକ୍ତି ଦୁଃଖଠାରୁ ଦୁରେଇ ଯାଏ । ପଦ୍ମ ଜଳରେ ଭାସିବା ଭଳି ଓ ତା ଦେହରେ ଜଳ ମଲା ପିଲା ଭଳି ସଂସାରରେ ଥାଇ ମଧ୍ୟ ସଂସାର ଦୁଃଖ ତାକୁ ଛୁଇଁ ପାରେ ନାହିଁ । (୮୧)

୨. ଧର୍ମସୂତ୍ର

ଧର୍ମ ସମ୍ବନ୍ଧୀୟ ଉପଦେଶାବଳି

ଧମଠୋ ମଙ୍ଗଳମୁକିଟଂ ଅହିଂସା ସଂଯମୋ ତବୋ ।
ଦେବା ଭି ତଂ ନମସନିସ୍ତ ଯସ ଧମ୍ମେ ସାୟମଣ । (୮୨)

ଧର୍ମ ସର୍ବ ଶୁଭପ୍ରଦ ଅଟେ । ଅହିଂସା, ଆତ୍ମ ବିଗ୍ରହ ଓ ତପସ୍ୟା ଧର୍ମର ସାରବର୍ତ୍ତୀ ସ୍ୱରୂପ । ଏପରିକି ଦେବତାମାନେ ମଧ୍ୟ ତାକୁ ସମ୍ମାନ ଦିଅନ୍ତି ଯାର ମନ ସଦାସର୍ବଦା ଧର୍ମାଚରଣରେ ନିଯୁକ୍ତ ଅଟେ । (୮୨)

ଧମ୍ମୋ ବତ୍ଥୁ ସହାବୋ କମାଦିଭବୋ ୟା ଦଶବୀୟ ଧମ୍ମୋ
ରୟନତୟଂ ଚ ଧମ୍ମୋ ଜୀବାନାଂ ରକ୍ଷଣଂ ଧମ୍ମୋ । (୮୩)

ଯେ କୌଣସି ବସ୍ତୁର ସାର ହେଉଛି ଧର୍ମ । କ୍ଷମାଶୀଳତା ଆଦି ଦଶଟିଯାକ ସୁଗୁଣ ଧର୍ମର ଦଶଗୋଟି ସ୍ୱରୂପ ଅଟନ୍ତି । ସତ୍ ବିଶ୍ୱାସ, ସତ୍ ଜ୍ଞାନ ଓ ସଦାଚରଣ – ଏହି ତ୍ରିରତ୍ନକୁ ନେଇ ଧର୍ମ ଗଢ଼ା । ଜୀବେଦୟା ମଧ୍ୟ ଧର୍ମର ଏକ ଭିନ୍ନ ନାମ ଅଟେ । (୮୩)

ଉତ୍ମ କ୍ଷମମଦବାଜବ ସଚଶୌଚଂ ଚ ସଂଯମଂ ଚେବ
ତବଚଗମକିନଂ ବ୍ରହ୍ମ ଇଦି ଦଶବିହ ଧମ୍ମୋ । (୮୪)

ମହା କ୍ଷମାଶୀଳତା, ବିନମ୍ରତା, ସାଧାସିଧାପଣିଆ, ସତ୍ୟନିଷ୍ଠା, ପବିତ୍ରତା, ଆତ୍ମସଂଯମ, ତପସ୍ୟା, ବୈରାଗ୍ୟ, ଅପରିଗ୍ରହ, ବ୍ରହ୍ମର୍ଯ୍ୟ – ଏହାହିଁ ଧର୍ମର ଦଶ ବିଧ ରୂପ । (୮୪)

କୋହେନ ଯ ନ ତପଦି ସୁର-ନର-ତିରହି କରମାତୋବି
ଭଉସଣ ରୌଦେ ତସ ଖମା ନିମ୍ମଳ ହୋଦି । (୮୫)

ଦେବତାମାନଙ୍କ ଦ୍ୱାରା ବା ନର ଓ ପଶୁ ମାନଙ୍କ ଦ୍ୱାରା ଭୟଙ୍କର ଯାତନା ପାଇଁ ମଧ୍ୟ ଯିଏ କ୍ରୋଧରେ ଭାଙ୍ଗି ପଡ଼େନାହିଁ, ତାର ସହିଷ୍ଣୁତା ହେଉଛି ବାସ୍ତବ ସହିଷ୍ଣୁତା । (୮୫)

ଖମାମି ସବ୍ ଜୀବାନାଂ ସକ୍ବ ଜୀବ ଖମନ୍ତୁ ମେ
ମିତ୍ତୁ ମେ ସର୍ବ ଭୁଦେଶୁ ବେରଂ ମଜହଂ ନ କେନ ଭି । (୮୬)

ମୁଁ ସମସ୍ତ ଜୀବମାନଙ୍କ ପ୍ରତି କରୁଣା ପ୍ରଦର୍ଶନ କରେ – ସମସ୍ତ ଜୀବ ମୋଠାରେ କରୁଣା କରନ୍ତୁ ମୁଁ ସମସ୍ତଙ୍କ ପ୍ରତି ମିତ୍ରଭାବ ପୋଷଣ କରେ – କାହାପ୍ରତି ଶତ୍ରୁତା ଆଚରଣ ନକରେ । (୮୬)

ଯଇ କିଂଚି ପମଇନଂ ନ ସୁଥୁଭେ ବତ୍ୀୟଂମାଇ ପୁବୀମ୍ ।
ତଂମେ ଖମେମି ଅହଂ ନିଶଲୋ ନିକଷାୟ ଅ । (୮୭)

ସ୍ୱଚ୍ଛ ଅନବଧାନତା ଯୋଗୁଁ ମୁଁ ଯଦି ଅତୀତରେ କେବେ ତୁମ ପ୍ରତି ଦୁର୍ବ୍ୟବହାର ପ୍ରର୍ଦ୍ଦଶନ କରିଥାଏ - ମୁଁ ତୁମକୁ ନିଷ୍କପଟ ହୃଦୟରେ କ୍ଷମା ମାଗି ଦେଉଛି । (୮୭)

କୁଳରୁ ବଡ଼ଦିବୁଧିଷୁ ତବ ସୁନାଶୀଳେଷୁ ଗର୍ବଂ କି ଚି
ଯୋ ନବି କୁଭାଦି ସମନୋ ମଦବଧ୍ମାଂ ହବେ ତମ୍ । (୮୮)

ଯେଉଁ ସନ୍ନ୍ୟାସୀ ତାର କୁଳ, ଜାତି, ସୌନ୍ଦର୍ଯ୍ୟ, ବିଦ୍ୟାର୍ଜନ, ତପଶ୍ଚର୍ଯ୍ୟା, ଶାସ୍ତ୍ରଜ୍ଞାନ ବା ଚରିତ୍ରକୁ ନେଇ ଗର୍ବିତ ହୁଏ ନାହିଁ ସେ ହିଁ ବିନମ୍ରତା ରୂପକୁ ଧର୍ମ ପାଳନ କରେ । (୮୮)

ଯୋ ଅବମାନକାରଣଂ ଦୋଷଂ ପରିହରୌ ନିଶୌତ
ସୋ ନାମ ହୋଦି ନାମୀ ନଦୁ ଗୁଣାତନତ୍ନ ମନେନା । (୮୯)

ସେହି ପ୍ରକୃତିରେ ମହାନ୍ - ଯେ ଅନ୍ୟ ପ୍ରତି ପରିହାସ ନକରିବାକୁ ସର୍ବଦା ଯତ୍ନଶୀଳ । ଯେ ର୍ଗବୀ - ସେ ଗୁଣହୀନ ବ୍ୟକ୍ତି ଭଳି ସମ୍ମାନ ପାଇବା ଯୋଗ୍ୟ ହୋଇ ପାରେ ନାହିଁ । (୮୯)

ସେ ଆସଇ ଉଚ୍ଚ ଗୋଲ ଆସଇଁ ନିଅଗୋଇ ନହୀନେ ନଐରିତେ ।
ନ ପିହଇ ଇତି ସଙ୍ଖାଇ ବେ ଗୋୟବାୟୀକେ ମାନ୍ୱଇ । (୯୦)

ସଂସାରରେ ସମସ୍ତେ ବହୁବାର ଉଚ୍ଚ ଯୋନିରେ ପୁଣି ବହୁବାର ନୀଚ ଯୋନିରେ ଜନ୍ମ ନେଇ ସାରିଛନ୍ତି । ତେଣୁ କେହି ଉଚ୍ଚ କି କେହି ନିଚ୍ଚ ନୁହେଁ । ଏହା ଜାଣି କିଏ ଅବା ନିଜ ବଂଶ ଗୌରବକୁ ନେଇ ଗର୍ବ କରିବ ? (୯୦)

ଯୋ ଚିନ୍ତଇ ନ ବଧ୍ଂ ନକୁନଜି ବଙ୍କ ନଜଂପଦେ ବଙ୍କମ୍ ।
ନଯ ଗୋବଦି ନିୟଦୋଷଂ ଅଜବଧମ୍ମୋ ହବେ ତସ୍ତ । (୯୧)

ଯେ ନିଜ ଚିନ୍ତା, କାର୍ଯ୍ୟ, ବଚନରେ ଜଟିଳତା ପରିହାର କରେ, ନିଜ ଦୁର୍ବଳତାକୁ ଅସ୍ୱୀକାର କରେ ନାହିଁ, ସେହିଁ ବାସ୍ତବରେ ସାଧାରଣ ଜୀବନ ଚର୍ଯ୍ୟାର ଧର୍ମ ପାଳନ କରେ । (୯୧)

ପରସନ୍ତ ବୟକରଣ - ବୟାନଂ, ମୋତୁନା ସପରିହିଦବୟାନଂ

ଯୋ ବଦଦି ଭିଖୁ ତୁରୀୟ ତସ୍ତ ଦୁଧମ୍ମ ହବେ ସବମ୍ । (୯୨)

ଯେଉଁ ସନ୍ନ୍ୟାସୀ ଅନ୍ୟପ୍ରତି କୁଭାବ ପ୍ରୟୋଗ ନକରିବାରେ ସଚେତନ ଏବଂ ନିଜର ତଥା ଅନ୍ୟର ହିତରେ ଆସୁଥିବା ବଚନ କହନ୍ତି ସେ ସତରୂପକ ଚତୁର୍ଥ ସୁଗୁଣର ଅଧିକାରୀ । (୯୨)

ଶୋଶଷ ପଚ୍ଛୟା ପୁରଥାଅୟଃ ପାୟଗକାଲେ ୟା ଦୁହି ଦୂରାନ୍ତେ
ଏବଂ ଆଦଭାନି ସମୟ ଅନ୍ତୋ ରୁବେ ଅତୀତୋ ଦୁହିଅନିଶୋ । (୯୩)

ଜଣେ ବ୍ୟକ୍ତି ମିଛ କହିବା ପରେ, ମିଛ କହିବା ପୂର୍ବରୁ ଏବଂ ମିଛ କହିବା ବେଳେ ଦୁଃଖ ଭୋଗ କରେ । ସେହିପରି ଯିଏ ଚୋରିକରେ ବା କାମାସକ୍ତ ହୁଏ ସେ ମଧ୍ୟ ଦୁଃଖ ଭୋଗକରେ ଓ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଗତିକରେ । (୯୩)

ପଥଂ ହିଦୟନିଅଂପି ଭାଣମାନସା ସାଗାନ ବଣିଷା
କଦୁଗଂବା ଅସହଂ ତଂ ମହୁରବିବୟଂ ଭାବଇ ତସ । (୯୪)

କଟୁସ୍ୱାଦଯୁକ୍ତ ଔଷଧ ଠିକ୍ କାମ ଦେବାଭଳି ଜଣେ ବନ୍ଧୁର ସୁ ଉପଦେଶ ମନକୁ ପ୍ରଥମେ ଅସ୍ୱାଦ ଲାଗେ । କିନ୍ତୁ ପରିଣାମରେ ଠିକ୍ କାମଦିଏ । (୯୪)

ବିଶାଷ ନିଜ ମୟବା ହୋଇ ପୁଜ୍ଜ ଗୁରୁବ ଲୋଆସ
ଶୟଦୁବା ଶକବଇ ପୁରିଷ ସବସ ହୋଇ ଜିଅ । (୯୫)

ସତ୍ୟବାଦୀ ବ୍ୟକ୍ତି ମା ଶିଶୁ ନିକଟରେ ବିଶ୍ୱସ୍ତ ହେବାଭଳି ସମସ୍ତଙ୍କର ବିଶ୍ୱାସର ପାତ୍ର ହୁଏ । ଶିଷ୍ୟ ଗୁରୁଙ୍କ ଭକ୍ତି କଲାଭଳି ତାକୁ ସମସ୍ତେ ଭକ୍ତି କରନ୍ତି ଓ ସହୃଦ୍ ଭଳି ତାକୁ ଅତି ଆପଣାର ମନେ କରନ୍ତି । (୫)

ସକାମୀ ବସଦିବେ ସକାମୀ ସଂଯମ ତହା ବସେଶେଷ ବି ଗୁଣ
ସଚ୍ଚଂ ନିବନ୍ଧଂନଂ ହି ଯ ଗୁଣାନ ମୁଦଧିବା ମାଛାନାମ୍ । (୯୬)

ତପସ୍ୟାର, ଆତ୍ମ ବିଗ୍ରହର ଏବଂ ଅନ୍ୟ ସମସ୍ତ ସଦ୍‌ଗୁଣର ବାସସ୍ଥାନ ସତ୍ୟ ଅଟେ । ସତ୍ୟ ହିଁ ବାସ୍ତବରେ ଅନ୍ୟ ସମସ୍ତ ସୁଗୁଣର ଜନ୍ମସ୍ଥାନ । ଯେପରି ମତ୍ସ୍ୟାଦିମାନଙ୍କ ପକ୍ଷେ ପାରାବାର । (୯୬)

ଯାହା ଲାହ ତାହା ଲୋହ, ଲାହ ଲୋହ ପବଧଇ
ଦମଶକୟଂ କାଯଂ କୋଡ଼ିଏ ବି ନା ନିଖିୟାମ୍ । (୯୭)

ଲାଭରୁ ଲୋଭର ସୃଷ୍ଟି । ପ୍ରତ୍ୟେକ ଲାଭ ଅଧିକ ଏକ ଲୋଭ ସୃଷ୍ଟି କରେ । ଯେଉଁ କାମ ଦୁଇ ଗ୍ରାମ ସୁନାରେ କରାଯାଇପାରେ ତାହା କୋଟି କୋଟି ଗ୍ରାମ୍ ସୁନାରେ ମଧ୍ୟ ହୋଇପାରେନାହିଁ । (୯୭)

ଶୁଭନାରୁପାସ ଉପାବୟ ଭବେ, ଶିୟ ହୁ କେଲସ ମସ ଅସଂଖ୍ୟଂମ୍
ନରସ ଲଧସ ନତେହି କିଂଚି, ଇଚ୍ଛା ହୁ ଅଗସମସ ଅନନ୍ତୀୟ । (୯୮)

ଯଦି ଜଣେ ଲୋଭୀ କୈଳାସ ପର୍ବତ ସମ ପରିମାଣର ସୁନା ପାଇଯାଏ ତଥାପି ତା'ପାଇଁ ତାହା କିଛି ନୁହେଁ – କାରଣ ତା'ର କାମନା ଆକାଶ ଭଳି ସୀମାହୀନ । (୯୮)

ଝାୟା ଅନ୍ଦପଭବ ବଳଗ ଅନ୍ଦଂ ବଳଶପଭବଂ ଯହାୟା
ଇମେସ୍ଥ ମୋହୟୟନଂ ଖୁ ତନ୍‌ହା ମୋହଂ ଚ ତନହୟୟନଂ ବୟନ୍ତି । (୯୯)

ଯେଭଳି ଏକ ହଂସୀ ଅଣ୍ଡାରୁ ଜନ୍ମ ନିଏ ପୁଣି ହଂସୀ ନିଜେ ଅଣ୍ଡା ଦିଏ – ସେପରି ତୃଷ୍ଣା ମାୟାରୁ ଓ ମାୟା ତୃଷ୍ଣାରୁ ଜାତ ହୁଏ । (୯୯)

ସମସନ୍ତୋ ସଜଳେନାଂ ଯୋ ଧୋବବି ତିବବ୍ ଲୋହମାଲ ପୁଞ୍ଜମ୍
ଭୋୟାନ ଗିଦ୍ଧିବିହୀନ ତସ ଶୈଚଂ ହବେ ବିମଳମ୍ । (୧୦୦)

ଯିଏ ନିଜର ଲୋଭର ମଇଳା ପୋଷାକ ସବୁ ସମତା ଓ ସନ୍ତୁଷ୍ଟି ରୂପକ ଜଳରେ ମାଜି ସଫା କରେ – ଖାଇବାରେ ଲୋଭ ରଖି ନଥାଏ – ସେହି ପ୍ରକୃତିରେ ପବିତ୍ରତା ଲାଭ କରେ । (୧୦୦)

ବୟ ସମିତି କଷୟନାଂ ଦଣ୍ଡନାଂ ତହା ଇନ୍ଦିୟାନା ପନାମ୍
ଧାରଣା ପାଳନ ନିଗହ ଚୟ ଯାଅ ସଂଯମ ଭିନିଅ । (୧୦୧)

ଆତ୍ମ ନିଗ୍ରହ କହିଲେ ପ ପ୍ରତିଜ୍ଞା ପାଳନକୁ ବୁଝାଏ । ଏହା ବ୍ୟତୀତ ପ ସମିତି (ଯତ୍ନଶୀଳତାର ନିୟମ) ପାଳନ କରିବା, ଚତୁଲୋଭକୁ ଦମନ କରିବା କାୟା, ମନୋବାକ୍ୟକୁ ନିଜ ଅନୁଗ୍ରହରେ ରଖିବା ଏବଂ ନିଜର ଇନ୍ଦ୍ରିୟରାଜି ଉପରେ ବିଜରେ ହାସଲ ଦ୍ୱାରା ଆତ୍ମ ସଂଯମ ଲାଭ ହୁଏ । (୧୦୧)

ବିଷୟକଷୟ ବିନିଗହ ଭବଂ କୌନ ଝତାସଝେଇ
ଯୋ ଭବଇ ଆପାନଂ ତସ ତବଂ ହୋଦି ନିୟମେନ । (୧୦୨)

ତପଃ କହିଲେ ଧ୍ୟାନ ଦ୍ୱାରା ଆତ୍ମ ବିଚିନ୍ତନକୁ ବୁଝାଏ । ଏହା ଛଡ଼ା ଶାସ୍ତ୍ର ଚର୍ଚ୍ଚା ଓ ଇନ୍ଦ୍ରିୟ ବିଗ୍ରହ ମଧ୍ୟ ତପଃ କର୍ମ । (୧୦୨)

ନିବେଦତୀୟଂ ଭବଇ ମୋହଂ ଚୈନ ସବଦବେଷୁ
ଯୋ ତସ ହବେ କଗୋ, ଇଦି ଭନଦଂ ଜୀନ ବୃନ୍ଦେହିମ୍ । (୧୦୩)

ମହା ଜୀନ କହିଛନ୍ତି ଯେ ପ୍ରକୃତ ସନ୍ନାସ ହେଉଛି – ତିନୋଟି ବସ୍ତୁ ପ୍ରତି ମୋହି ନହେବା ଯଥା, – ସଂସାର, କାୟା ଓ ଇନ୍ଦ୍ରିୟ ସୁଖ ଏବଂ ପାର୍ଥିବ ବସ୍ତୁପ୍ରତି ଆସକ୍ତିହୀନ ହେବା । (୧୦୩)

ଜେୟ କାନ୍ତେ ପିଏ ଭୋଏ ଲଦ୍ଧେ ବିପିଥିକୁଭାଇ
ସହିନେ ତୟନି ଭୋଇ ସେ ହୁଚୈଭି ବୁଚଇ । (୧୦୪)

ସିଏହିଁ ବାସ୍ତବରେ ସଂସାର ତ୍ୟାଗି – ଯିଏ ତା ନିକଟରେ ଗଚ୍ଛିତ ଥିବା ସମସ୍ତ ପ୍ରିୟ ବସ୍ତୁକୁ ସମଲୋଷ୍ଟାଶ୍ମ କାନ ନୀତିରେ ଦେଖିଛି । ଅର୍ଥାତ୍ ପ୍ରିୟ ବସ୍ତୁ ଓ ଅପ୍ରିୟ ବସ୍ତୁ ମଧ୍ୟରେ ତା' ନିକଟରେ କିଛି ତଫାତ୍ ନାହିଁ । (୧୦୪)

ହୌନ ଯୋ ନିସଙ୍ଗ ନିୟଭବନ ନିଗହିଭୁ ସୁହଦୁହଦମ୍

ନିଜ୍ୱଚନ୍ଦନ ଦୁ ବିଭଦି ଅନୟରୋ ତସ କିନମ୍ । (୧୦୫)

ସେହି ସନ୍ନ୍ୟାସୀ ପ୍ରକୃତିରେ ଅପରିଗ୍ରହ ପନ୍ଥା ଧାରଣ କରନ୍ତି ଯିଏ ନିଜ ଚିନ୍ତାକୁ ଆୟତ୍ତରେ ରଖି ଅଧିକାର ଓ ଆସକ୍ତି ପରିତ୍ୟାଗ କରି ସୁଖଦୁଃଖରେ ଅବିଳଚିତ ହୋଇ ରହନ୍ତି । (୧୦୫)

ଅହମିକୋ ଅଲୁ ଶୁଧ୍ ଦଂଶନନାନାମାୟୋ ସଦାରୁବି

ନବି ଅଧି ମଜ୍ଜା କିଂ ଚ ବି ଅନ୍ନଂ ପରମନୁଭିତ୍ମପି । (୧୦୬)

ବସ୍ତୁତଃ ମୁଁ ଏକାକୀ ପବିତ୍ର, ଚିରନ୍ତନ, ନିରାକାର । ମୋର ଆଶଙ୍କା ଅଛି, ଅବବୋଧ ଅଛି । ଏତଦ୍‌ବ୍ୟତୀତ ଏ ସଂସାରରେ ଗୋଟିଏ ଅଣୁ ମଧ୍ୟ ମୋର ନୁହେଁ । (୧୦୬)

ସହଂ ବସମ୍ ଜୀବମୋ ଯେବଂ ନନତ୍ଥି କିଂଚନ
ମିହିଲଇ ଦଝମନୀନୟ ନମେ ଦଝଇ କିଂଚନ
ପିଅଂ ନ ବଜୟୀ କିଂଚି ଅପିୟ ବି ନବିଜୟୀ

ଆମ ମାନଙ୍କର ଯାହାର ନିଜର ବୋଲି କିଛି ନାହିଁ । ଆମେ ଖୁବ୍ ସୁଖରେ ରହୁ । ଯେଭଳି ନମି ଯିଏ ରାଜ୍ୟ ତ୍ୟାଗ କରି ସନ୍ନ୍ୟାସୀ ହୋଇ ଯାଇଥାଆନ୍ତି – ମିଥିଳା ନଗରି ଜଳିଯିବା କାଳରେ ତାଙ୍କର ନିଜର କିଛି ଜଳି ଯାଉନାହିଁ ବୋଲି ଭାବୁ ଥାଆନ୍ତି । ମୁଁ ମୋ ସ୍ତ୍ରୀକୁ ମୋ ସନ୍ତାନଙ୍କୁ ପରିତ୍ୟାଗ କରିଛି । ମୋର ପେଷା ବୋଲି କିଛି ନାହିଁ । ମୁଁ ଜଣେ ଭିକ୍ଷୁ । ମୋର ପ୍ରିୟାପ୍ରିୟ ବୋଲି କିଛି ନାହିଁ । (୧୦୭-୧୦୮)

ଯାହା ପୋମଂ ଜଳେ ଜୟଂ ନୋବଲିପିଇ ବାରିଣା
ଏବଂ ଅଲିତଂ କାମେହିଂ ତଂ ବୟଂ ବୁମା ମହାନମ୍ । (୧୦୯)

ପଦ୍ମପାଣିରୁ ଜନ୍ମ ନେଲେ ମଧ୍ୟ ତହିଁରେ ପାଣି ନଲାଗିବା ଭଳି ଯେ ସଂସାରରେ ରହି ମଧ୍ୟ ସାଂସାରିକତାଠାରୁ ଦୁରେଇ ରହେ ସେହିଁ ପ୍ରକୃତି ବ୍ରାହ୍ମଣ । (୧୦୯)

ଦୁଃଖଂ ହୟଂ ଯସ ନହୋଇ ମୋହ, ମୋହ ହଭ ଯମ ଅନହୋଇ ତନହ

ନେହ ହୟ ଯସ ନହୋଇ ଲୋହ ଲୋହ ହଅ ଯସ ଅନିନ୍ୟନଇମ୍ । (୧୧୦)

ଯିଏ ମାୟାକୁ ଛାଡ଼ିଛି ସେ ଦୁଃଖ ପରିତ୍ୟାଗ କରିଛି । ଯିଏ କାମନା ଛାଡ଼ିଛି ତା'ର ମାୟା ଜାଲ ଛିନ୍ନ । ଯିଏ ଲୋଭ ପରିହାର କରିଛି ସେ ଲାଳସା ମୁକ୍ତ । ଯାର ନିଜସ୍ୱ କିଛି ନାହିଁ ସେ ହିଁ ନିର୍ଲୋଭ । (୧୧୦)

ଜୀବ ବମ୍ଭ ଜୀବମି ଚେବ ଚରିୟ ହବିଯ ଯ ଯଦିନୋ
ତଂ ଜନ ବ୍ରହ୍ମଚେରଂ ବିମୁଙ୍କା ପରଦେହ ଚିତିସା । (୧୧୧)

ଆତ୍ମା ହିଁ ବ୍ରହ୍ମ । ତେଣୁ ଯେଉଁ ସନ୍ନ୍ୟାସୀ ଅନ୍ୟର ଦେହଠାରୁ (ଇନ୍ଦ୍ରିୟ ସୁଖରୁ) ନିଜକୁ ଦୂରେଇ ରଖେ ସେ ହିଁ ବ୍ରହ୍ମଚର୍ଯ୍ୟ ପାଳନ କରେ । (୧୧୧)

ସବ୍ବ ପେଚ୍ଛନ୍ତୋ ଇତ୍ଥିଳାଂ ସତୁ ମୁୟଦି ଦୁଭବମ୍
ସୋ ବହ୍ମଚେରଭାବଂ ସୁକଦି ଖଳୁ ଦୁଧରଂ ଧରଦି । (୧୧୨)

ସେହିଁ ସୁଦୁଷ୍କର ତଥା ପୁଣ୍ୟତର ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରେ ଯେ ନାରୀର ସର୍ବାଙ୍ଗ ସନ୍ଦର୍ଶନ କରି ମଧ୍ୟ ଦୁର୍ଭବନାର ବଶୀଭୂତ ହୁଏ ନାହିଁ । (୧୧୨)

ଯଉକ୍କୁମ୍ଭେ ପୋଇଭବଗୁଢ଼େ ଅଶୁଭିତତେ଼୍ ନାଶମୁତ୍ ୟୈ
ଇବିଧଅହି ଅନଗର ସମ୍ଭାକ୍ଷେଣ ନାଶମୁଭୟା ଅନିତ୍ର । (୧୧୩)

ଲାଖରେ ନିର୍ମିତ ପାତ୍ରଟି ଯେପରି ଅଗ୍ନି ସମୀପରେ ତରଳିଯାଇ ବିନଷ୍ଟ ହୋଇଯାଏ – ସେମିତି ଯେଉଁ ସନ୍ନ୍ୟାସୀ ସ୍ତ୍ରୀମାନଙ୍କ ଗହଣରେ ବିଚରଣ କରେ ତା'ର ବିନାଶ ଘଟେ । (୧୧୩)

ଏୟାସଂଗେ ସମିକମିତ ସୁଦୁତ୍ତ୍ର ଚେବ ଭବନ୍ତି ଶେଷ
ଯହ ମହାସାଗରମୁତ୍ରିତ ନଇ ଭବେ ଅଭି ଗଙ୍ଗାସମାନା । (୧୧୪)

ନାରୀ ସଂଗଲାଭ ରୂପକ ମାନାରୁ ଯିଏ ନିଜକୁ ଦୁରେଇ ରଖେ । ସେ ନିଜକୁ ଅନ୍ୟ ସମସ୍ତ ଉତ୍ତେଜନାରୁ ମୁକୁଳାଇ ପାରେ । ପେରି ସମୁଦ୍ର ପାର ହୋଇ ପାରିଥିବା ବ୍ୟକ୍ତି ପକ୍ଷେ ଗଙ୍ଗାନଦୀ ପାରହେବା ଏକ ଦୁରୁହ ବ୍ୟାପାର ହୋଇନପାରେ । (୧୧୪)

ଯନ୍ଶୀଳ ରକ୍ଷୟଣଂ ପୁରିଷାନଂ ନିନ୍ଦିଦାଅ ମହିଳାଅ
ତହ ଶୀଳରକ୍ଷୟଣଂ ମହିଳାସାଂ ନିନ୍ଦିଦ ପୁରିଷ । (୧୧୫)

ବ୍ରହ୍ମଚାରୀ ବ୍ରତଧାରଣ କରିଥିବା ପୁରୁଷ ଯେପରି ନାରୀକୁ ନିନ୍ଦା କରେ ସେପରି ବ୍ରହ୍ମଚର୍ଯ୍ୟ ପାଳନ କରୁଥିବା ନାରୀ ମଧ୍ୟ ପୁରୁଷକୁ ନିନ୍ଦା କରେ । (୧୧୫)

କିଂ ମୁନ ଗୁଂଶହିଦାଅ ଇଥିଅ ଅଧି ବିଥଦଯଶାଅ
ନରଲୋଗ ଦେବଦାଅ ଦେବେହିଂ ବି ବନ୍ଦନୀୟଅ । (୧୧୬)

ଅଧିକ ବା କ'ଣ କହିବା । ଏଭଳି ଦୈବୀଗୁଣସଂପନ୍ନା ସ୍ତ୍ରୀ ଏ ସଂସାରରେ ଅଛନ୍ତି ଯେଉଁମାନେ ତାଙ୍କର ସୁଚରିତ୍ରବତା ଯୋଗୁଁ ଦେବତା ଭଳି ମାନ୍ୟ ପାଆନ୍ତି । ଦେବତାମାନେ ମଧ୍ୟ ତାଙ୍କର ଗୁଣଗାନ କରନ୍ତି ।

ତେଲୋକ ଦବିଦହନୋ କାମାଗି ବିଷୟରୁ ଖାପ ଯାଲିଅ
ଯୋ ବାନନ୍ତଲୀଳାଚାରୀ ଯଂ ନ ଦହଇ ସୋହବଇ ଧନୋ । (୧୧୭)

କାମାଗ୍ନି ତ୍ରିସ୍ତାର ବୃକ୍ଷଦ୍ୱାରା ଜନ୍ମିଥିବା ବାତବାଗ୍ନି ସଦୃଶ ସମସ୍ତ ତ୍ରିପୁର ରୂପକ ଆରଣ୍ୟକୁ ଜାଳିଦିଏ । ତା'ର ପ୍ରକୃତି କଲ୍ୟାଣ ସାଧିତ ହୋଇଥାଏ ଯାହାର ଯୌବନ ରୂପକ ଘାସ ସେହି ବାତବାଗ୍ନିରୁ ବିଯାଏ । (୧୧୭)

ଯ ଯ ଭଜଇ ରୟାବ ନ ସ ପବିନିୟତଇ
ଅହମ୍ମଂ କୁନମଂସ ଅଫଳା ଯାନ୍ତି ରାଇଓ । (୧୧୮)

ବିତିଯାଇଥିବା ରାତି ଆଉଥରେ ଲେଉଟି ଆସେ ନାହିଁ । ଯେଉଁ ବ୍ୟକ୍ତିର ରାତି ପାପ କାର୍ଯ୍ୟରେ ବିତିଯାଏ – ତା'ର ରାତି ସେମିତି ଅଣଲେଉଟା । (୧୧୮)

ଯହ ଯ ତିନି ବନୀୟ ମୂଳଂ ଘେତେନ ନିଗୟ
ଇଗୋଥ ଲହଇ ଲହଂ ଇଗ ମୂଳେନ ଆଗଅ
ଇଗୋ ମୂଳଂ ପି ହରିତ ଆଗଅ ତଥା ବନିଅ
ବବହାରେ ଉତ୍‌ମ ଏଷ ଏବଂ ଧମ୍ମେ ବିୟନଉ । (୧୧୯-୧୨୦)

ତିନି ବଣିକ ବାଣିଜ୍ୟରେ ଯାଇ ଜଣେ ମୂଳଧନକୁ ଲାଭରେ ବଢ଼ାଇଲା, ଜଣେ ମୂଳଧନ ସହ ଫେରି ଆସିଲା, ଏବଂ ଜଣେ ସର୍ବସ୍ୱ ହରାଇ ଫେରିଲା । ବସ୍ତୁତଃ ଧର୍ମରେ ମଧ୍ୟ ଏଭଳି ଘଟେ । (୧୧୯-୧୨୦)

ଆଗ ଜନଇ ଆମ ଯହଥିଅ ଅପସଖିଅ ଧମୋ
ଆପ କାରୈଂ ତଂ ତହା ଅପସୁହବାଅହୋଇ । (୧୨୧)

ଆତ୍ମା ଆପଣାକୁ ଜାଣେ । ପ୍ରକୃତିରେ ଜଣଙ୍କର ଆତ୍ମାହିଁ ଜଣଙ୍କର ଧର୍ମାଚରଣର ସାକ୍ଷୀସ୍ୱରୂପ । ତେଣୁ ସେ ଏପରି ଧର୍ମାଚରଣ କରି ଆତ୍ମ ସନ୍ତୋଷ ଲାଭ କରେ । (୧୨୧)

୧୦. ସାମ୍ୟମ୍ ସୂତ୍ର

ଆତ୍ମନିଗ୍ରହ ସମ୍ବନ୍ଧୀୟ ଉପଦେଶାବଳୀ

ଆପନଇ ଭେୟରାଣି ଆପମେ କୁଡ଼ସମାଳି
ଆପ କାମଦୁହଧେନୁ ଆପମେ ନନ୍ଦନଂ ବନମ୍ । (୧୨୨)

ମୋ ଆତ୍ମା ମୋ ପାଇଁ ବୈତରଣୀ ନଦୀ ସଦୃଶ । ପୁଣି କ□କି ଓ ଶାଲ୍ମଳୀ ବୃକ୍ଷ ସଦୃଶ୍ୟ । ଏହା ମୋ ପାଇଁ କାମଧେନୁ ସଦୃଶ କାରଣ ଏହା ମୋର ସମସ୍ତ କାମନା ପୂରଣ କରେ । ଏହାହିଁ ମୋ ପାଇଁ ସ୍ୱର୍ଗର ନନ୍ଦନବନ ସଦୃଶ । (୧୨୨)

ଆପ କାଟ ବିକାଟୟା ଦୁହନ ୟା ସୁହନୟା
ଆପ ମିତାମ୍ରମିତଂ ଚ ଦୁପଥିଅ ସୁପଥିଅ । (୧୨୩)

ସମସ୍ତ ସୁଖଦୁଃଖର କାରଣ ଓ ଉପରୋକ୍ତ  ହେଉଛି ଆତ୍ମା । ସଠିକ୍ କ୍ରିୟା କରୁଥିବା ବ୍ୟକ୍ତିର ଏହା ବନ୍ଧୁ ସଦୃଶ କିନ୍ତୁ ଦୁଷ୍କର୍ମକାରୀ ବ୍ୟକ୍ତିର ଏହି ଆତ୍ମା ଅରି ସଦୃଶ ଅଟେ । (୧୨୩)

ଏଗପା ଆଜିଏ ସତୁ କଷୟ ଇନ୍ଦିୟାଣି ୟା
ତେ ଜିନିଭୁ ଜହାନାୟଂ ବିହାରାମି ଅହଂ ମୁନି । (୧୨୪)

ଅଜିତ ଆତ୍ମା, ଅଜିତ କାମନା, ଅସନ୍ତୁଳିତ ଇନ୍ଦ୍ରିୟାଗ୍ନି ଏବ ସବୁ ହେଉଛନ୍ତି ପିତାଙ୍କର ଶତ୍ରୁ ତୁଲ୍ୟ । ସନ୍ନ୍ୟାସୀ, ସଦୃଶ୍ୟ ସେସବୁକୁ ମୁଁ ନିଜବଶକୁ ଆଣି ସ୍ୱଚ୍ଛନ୍ଦରେ ବିଚରଣ କରୁଛି । (୧୨୪)

ଯୋ ସହସଂ ସହସନାଂ ସଙ୍ଗମେ ଦୁଜିୟେ ଜିଣେ
ଏଣଂ ଜିଣେଯା ଆପ୍ପାନଂ ଏଷ ସେ ପରମୋ ଜୟୋ । (୧୨୫)

ଜଣେ ସଂଘର୍ଷ କରି ହଜାର ହଜାର ସଂଖ୍ୟାରେ ଶତ୍ରୁମାନଙ୍କୁ ବିନାଶ କରିପାରେ କିନ୍ତୁ ବିଜିତାତ୍ମା ବ୍ୟକ୍ତି ହିଁ ପ୍ରକୃତି ବିଜୟୀ ରୂପେ ଗଣାହୁଏ । (୧୨୫)

ଆପଣାମେବ ଯୁଝ୍‌ହି କିଂ ତେ ଯୁଝେନ୍ ବଝାଅ ।
ଆପଣାମେବ ଆପଣଂ ଜୈତ ସୁହଂ ଏହଇ । (୧୨୬)

ନିଜ ସହ ନିଜେ ସଂଗ୍ରାମ କର । ବାହାର ଶତ୍ରୁଙ୍କ ପିଛାଧରି ବା କି ଲାଭ ମିଳିବ ? ଜଣେ ପରମସୁଖର ସନ୍ଧାନ ପାଇପାରିବ ଯେତେବେଳେ ସେ ନିଜଦ୍ୱାରା ନିଜ ଉପରେ ବିଜୟ ହାସଲ କରିପାରିବେ । (୧୨୬)

ଆପ ଚେବ ଦୟୋବ ଆପ ହୁ ଖଲୁ ଦୁଦ୍ଦମ ।
ଆପ ଦନ୍ତ ସୁହି ହୋଇ ଅସିଂ ଲଏ ପରାଥ ୟା । (୧୨୭)

ଜଣେ ନିଜ ଆତ୍ମାକୁ ନିଜେ ଅଙ୍କୁଶ ଲଗାଇବା ଉଚିତ୍ । କାରଣ ଏହାକୁ ନିଗ୍ରହ କରିବା ଅତ୍ୟନ୍ତ କଷ୍ଟସାଧ । ଯିଏ ବିଜିତାତ୍ମା ସେ ମହା ଆନନ୍ଦର ଅଧିକାରୀ । ଏହି ସଂସାରରେ ପୁଣି ପରଲୋକରେ ମଧ୍ୟ । (୧୨୭)

ବରଂ ମେ ଆପଦନ୍ତୋ ସଂଯମେନ ତବେନ ୟା
ମହଂ ପରେହିଂ ଦମନ୍ତୋ ବନ୍ଧନେହିଂ ବହେହି ୟା । (୧୨୮)

ମୋ ପକ୍ଷେ ମହତ୍‌ର ହେଉଛି ତପସ୍ୟା ଓ ଆତ୍ମ ନିଗ୍ରହ ଦ୍ୱାରା ନିଜ ଆତ୍ମା ଉପରେ ବିଜୟ ହାସଲ କରିବା କିନ୍ତୁ ଅନ୍ୟ କେହି ମୋ ଉପରେ ବିଜୟୀ ହେବ ବା ମୋତେ ମୃତ୍ୟୁମୁଖକୁ ଠେଲି ଦେବ – ଏପରି ହେବା ମୋ ପାଇଁ ତ ସମୀଚିନ ନୁହେଁ । (୧୨୮)

ଇଗାଅ ବିରହିଂ ନୁଜ ଇଗାଅ ୟା ନପରାଦକତ
ଅସଂଯମେ ନିୟତିଂ ଚ ସଂଯମେ ୟା ପବତ୍ତାନମ୍ । (୧୨୯)

ଜଣେ ଗୋଟିଏ ଦିଗରୁ ନିଜକୁ ନିବୃତ୍ କରାଇ ଅନ୍ୟ ଦିଗରେ ଆଗେଇବା ଉଚିତ୍ । ଜଣେ ଅସଂଯମୀ ହୋଇ ଆତ୍ମନିଗ୍ରହ ନିମିତ୍ କର୍ମ ନ କରିବା ଇଚ୍ଛାକୁ ସର୍ବଦା ତ୍ୟାଗ କରିବା ଉଚିତ୍ । (୧୨୯)

ରାଗେ ଦୋଷେ ୟା ଦେ ପାବେପବକାମ୍ମା ପବତ୍ତନେ
ଯେ ଭିଖୁ ରଚାଇ ନୀଚଂ ସେ ନଅଚ୍ଛଇ ମଣ୍ଡଳେ । (୧୩୦)

ଆସକ୍ତି ଓ ଘୃଣା ବ୍ୟକ୍ତିର ଏହି ଦୁଇ ପାପବୋଧ ତାକୁ ଦୁର୍ଷ୍କର୍ମ ଆଡ଼କୁ ଟାଣିନିଏ । ସେ ଦୁଷ୍କର୍ମ କରିଚାଲେ । ଯେଉଁ ଭିକ୍ଷୁ ସେ ଦୁଇଉ ପାପବୋଧରୁ ନିଜକୁ ଦୂରେଇ ରଖିପାରିଛି – ସେ ଏ ଧୂଳିଧୂସରିତ

ଧରାରେ ଘା□ି ହୁଏ ନାହିଁ । (୧୩୦)

ନାଜେନ ଯା ଝାଣେନ ଯା ତବବଳେନ ଯା ବଳ ନିରଉନ୍ତି
ଇଳିୟ ବିଷୟ କଷାୟ ଧାରୀୟ ତୁରଶ ବା ରଜଜୁହମ୍ । (୧୩୧)

ଘୋଡ଼ା ଲଗାମ ଦ୍ୱାରା ଅକ୍ତିଆର ହେବା ଭଳି ଇନ୍ଦ୍ରିୟ ସୁଖ ଓ କାମନା ଗୁଡ଼ିକୁ ସଦ୍‌ଜ୍ଞାନ, ଧ୍ୟାନ ଓ ଧାରଣା ଦ୍ୱାରା ନିୟନ୍ତ୍ରିତ କରିହେବ । (୧୩୧)

ଉଭସମଂ ପୂର୍ବନୀତ ଗୁଣମହତ ଜୀନ ଚରିତଶରୀମଂପି
ପଦିବତେନ୍ତି ବିଷୟ  କିଂ ପୁନ ସେ ସରଗଥେ । (୧୩୨)

ନିଜ ଆଚରଣ ଦ୍ୱାରା ଜୀନଙ୍କ ସ୍ତରକୁ ଉନ୍ନୀତ ହୋଇଥିବା ଭିକ୍ଷୁଙ୍କର ମଧ୍ୟ ଅବଦମିତ କାମନା ଧର୍ମସାଧନାରେ ଅଧୋଗତି ଆଣିପାରେ । ଅଧିକ ବା ସାଧାରଣ ସ୍ତରର ଭିକ୍ଷୁମାନଙ୍କ କଥା କ'ଣ କହିବା । (୧୩୨)

ଇଂ ଭଉସନ୍ତ କଷାଅ ଲାହଇ ଅନନ୍ତଂ ପୁଣୋ ବି ପଦିବୟମ୍
ନ ହୁ ଭେ ବିଷ ଷିୟାଭଂ ଥେବେ କଷୟଶେଷାମି ।

ଜଣେ ନିଜର ସମସ୍ତ କାମନାରେ ଅନ୍ତଘଟାଇଥିଲେ ମଧ୍ୟ ବା ଅନ୍ତର୍ଗତ କରିଥିଲେ ମଧ୍ୟ ବେଳେ ତା'ର ଆଧ୍ୟାତ୍ମିକ ଉନ୍ନତି ବଦଳରେ ସର୍ବନାଶ ଘଟେ । ତେଣୁ କିଛି ମଧ୍ୟ କାମନା ଯାହା ମଧ୍ୟରେ ତଥାପି ଭରି ରହିଛି । ସେ ଆଧ୍ୟାତ୍ମିକ ମାର୍ଗରେ ଆତ୍ମ ସନ୍ତୋଷ ଲାଭ କରି ଅଟକି ଗଲେ ହେବ ନାହିଁ ।

ଅନଥୋବଂ ବାଣଥୋବଂ ଅଗିଥୋବଂ କଷାୟଥୋବଂ ଚ
ନହୁ ହେ ବିଷୟାଅଭାଂ ଥୋବଂ ବି ହୁତହୁବହୁ ହୋଇ । (୧୩୪)

ଜଣେ ଅଳ୍ପ ଋଣ ଅଛି, ଅଳ୍ପ ଟିକେ କ୍ଷତ ହୋଇଯାଇଛି, ସାମାନ୍ୟ ଟିକେ ନିଆଁ ଅଛି, ଅତି ଅଳ୍ପ କାମନା ରହିଯାଇଛି । ଭାବ ଆତ୍ମବିଭୋର ହେବା ଅନୁଚିତ କାରଣ ଅଳ୍ପରୁ ହିଁ ବହୁର ସୃଷ୍ଟି । (୧୩୪)

କହୋ ପିଂ ପତାଶେଇ ମନୋ ବିନୟାନାଶନୋ
ମାୟା ମିତ୍ରାନି ନାଶେଇ ଲୋହୋ ସବ ବିନାଶନ । (୧୩୫)

କ୍ରୋଧ ସେନ୍ନହକୁ ନାଶ କରେ । ଗର୍ବ ଶାଳୀନତା ନାଶ କରେ । ଛଳନା ଦ୍ୱାରା ବନ୍ଧୁତାର ଅନ୍ତ ଘଟେ । ଲୋଭ ସମସ୍ତ ବିନାଶର ମୂଳ କାରଣ । (୧୩୫)

ଉଭଗମେନ ହନେ କୋହଂ ମନଂ ମଦବାୟ ଜୀନେ
ଶୋଭନୀୟମପି ନିୟାଳଂ ବନ୍ଧଦି ବଳୟ ଷାଂ ଯାହାର ପୂରିଷମ୍
ବଳଦି ଏବଂ ଜୀବଂ ସୁହମସୁହଂ ବା କଦଂ କାମମ୍ । (୨୦୧)

ବେଡ଼ି ଲୁହାରେ ହେଉ ବା ସୁନାରେ ଯେମିତି ବ୍ୟକ୍ତିଙ୍କୁ ବାନ୍ଧି ରଖେ ସେମିତି କର୍ମ ପୂଣ୍ୟ ହୋଇ କି ପାପ ହେଉ ଆତ୍ମାକୁ ବାନ୍ଧିରଖେ । (୨୦୧)

ତମଃ ଦୁ କୁଶିଳେହିଂୟା ରାୟଂ ମା କୁଯଃମାବା ସଂସଗମ୍ ।
ସହିନହି ବିନାଶୋ କୁଶୀଳ ସଂସଗ ରାୟେଣ (୨୦୨)

ତେଣୁ ସୁକର୍ମ ହେଉ ବା ଦୁଷ୍କର୍ମ - କେଉଁଟି ହେଲେ ନିଜକୁ ଜଡ଼ିତ ବା ସଂସର୍ଗିତ କରେ ନାହିଁ । ଦୁଷ୍କର୍ମ ସହ ସାଲିସ୍ କଲେ ଜଣକର ପତନ ଅବଶ୍ୟମ୍ଭାବୀ । (୨୦୨)

ବରଂ ବୟତବେହି ସଗୋ ମା ଦୁଃଖଂ ହୋଇ ନିରହି ଇୟାରେହମ୍
ଛାୟାତବଖିଆନଂ ଲଭଇ ବହି ନ ଭବନୁଅ । (୨୦୩)

ତପସ୍ୟା ଓ ସଦାଚାର ଦ୍ୱାରା ସ୍ୱର୍ଗ ଲାଭ ହୁଏ ଓ କୁକର୍ମ ଦ୍ୱାରା ନର୍କଗତି ମିଳେ । ଜଣେ ଛାୟାନ୍ଧକାରରେ ଥିବା ବ୍ୟକ୍ତି ଓ ଜଣେ ଖରାରେ ଠିଆ ହୋଇଥିବା ବ୍ୟକ୍ତି ମଧ୍ୟରେ କେତେ ତଫାତ୍ ସତେ । (୨୦୩)

ଖୟରମରମନୁଅ - କରାଞ୍ଜଳି ମାଳହିଂ ଚ ସନ୍ଥୁଅ ବିୟୁଳ
ଚକ୍କାହରାୟରାୟଲବି ଲଭଇ ବହି ନ ଭବନୁଅ । (୨୦୪)

ପୁଣ୍ୟ କର୍ମ କରି ଜଣେ ଚକ୍ରବର୍ତ୍ତୀ ପଦପାଇପାରେ । ବିଦ୍ୟାଧର ଦେବତା, ମନୁଷ୍ୟମାନେ ଯୋଡ଼ ହସ୍ତରେ ତାର ପ୍ରଶସ୍ତି ଗାନ କରି ପୁଷ୍ପମାଲ୍ୟରେ ସଂବର୍ଦ୍ଧନା କରିପାରନ୍ତି କିନ୍ତୁ ବାସ୍ତବରେ ତା'ର ଆତ୍ମା ଭବ୍ୟ ବା ନିର୍ବାଣ ଯୋଗ୍ୟ ହୋଇପାରେ ନାହିଁ । (୨୦୪)

ତଥା ଥି ଚ ଯହାଥାନଂ ପଖ ଆଉ ଖାଇ ଚୁୟ
ଭଭେନ୍ତି ମନୁଷଂ ଯୋନୀ ସେଦସଂଗେ ଅଭିଯାୟୟେ (୨୦୫)

ପୁଣ୍ୟାତ୍ମା ଜନର ସ୍ୱର୍ଗରେ ପୁଣ୍ୟଭୋଗ ପରେ ତା'ର ଜନ୍ମ ଚକ୍ରର ପରିସମାପ୍ତି ଘଟିଲେ ପୁଣି ଦଶମାୟାରେ ଆବଧ୍ ଏହି ସାଂସାରିକ ସୁଖକାମୀ ମଣିଷ ଯୋନି ଲାଭ ହୁଏ । (୨୦୫)

ଓଭା ଚ ମନୁପଏ ଭୋଏ ଅପାଧବରୂପେ ଅହୁଭୟାମ୍
ପୂବଂ ବିଶୁଧ୍ ସଧାମେ କେବଳଂ ବହି ବୁଝିଅ
ଚଉରାଙ୍ଗ ଦୁଲଝଂ ମତ୍ ସଯଂମଂ ପଦବଜିୟ
ତବସ ଧୂଅ କାମଂଶେ ସିଧେ୍ ହବଇ ଶଶଇ (୨୦୬-୨୦୭)

ସାରା ଜୀବନ ମଣିଷ ସ୍ୱାଭାବ ଅନ୍ତର୍ଗତ ଅକଳନୀୟ ସୁଖଭୋଗ ଅନ୍ତେ ଜଣେ ସଦ୍ଜ୍ଞାନ କରି ପୂର୍ବ ଜନ୍ମର ସାଇତା ପୂଣ୍ୟ ବଳରେ ମୁକ୍ତି ବା ନିର୍ବାଣ ଆଡ଼କୁ ଆଗେଇ ଯାଏ । ଯିଏ ଚାରିଟି ବସ୍ତୁ ଯଥା

– ମାନବ ଜୀବନ ଲାଭ କରିବା, ଶାସ୍ତ୍ରଜ୍ଞାନ ଶୁଣିବା, ଶାସ୍ତ୍ରରେ ଶ୍ରଦ୍ଧା ରଖିବା ବା ସତ୍‌ଚେଷ୍ଟା କରିବା – ଏଗୁଡ଼ିକୁ ପାଳନ କରିବାରେ ବାଧାର ସମ୍ମୁଖୀନ ହୁଏ । ତା'ପାଇଁ କେବଳ ଇନ୍ଦ୍ରିୟ ନିଗ୍ରହ ଦ୍ୱାରା ଧ୍ୟାନ ଓ ଧାରଣା ଦ୍ୱାରା ପୂର୍ବକର୍ମଗୁଡ଼ିକୁ ବିନାଶ କରି ନିଜ ଆତ୍ମାକୁ ନିର୍ବାଣ ସୁଖ କରାଇବା ଶ୍ରେୟ । (୨୦୬–୨୦୭)

୧୭. ରତ୍ନତ୍ରୟସୂତ୍ର

ତ୍ରିରତ୍ନ ଉପଦେଶାବଳୀ

(କ) ବ୍ୟବହାର ରତ୍ନତ୍ରୟ – ବ୍ୟବହାର ବା ବାସ୍ତବତା ଦୃଷ୍ଟିରୁ ବୁଝାପଡୁଥିବା ରତ୍ନତ୍ରୟ ।

ଧମ୍ମଦିଶାହନଂ ସମତ୍ତଂ ନାନମଙ୍ଗପୁ ବଗଦମ୍
ଚିତ୍ତବଂଶି ଚରିୟା ବବହାରୋ ମୋଖମାଗତି । (୨୦୮)

ଧର୍ମର ଅସ୍ତିତ୍ୱରେ ବିଶ୍ୱାସ କରିବା ହେଉଛି ସଦ୍ ବିଶ୍ୱାସ । ଅଙ୍ଗ ଓ ପୂର୍ବ ନାମକ ଧର୍ମଶାସ୍ତ୍ର ସହ ପରିଚିତ ହେଉଛି ସଦ୍‌ଜ୍ଞାନ । ତପଃ ଆଚରଣରେ ଅଧାବସାୟ ହେଉଛି ସତ୍ ଚରିତ୍ର । ବ୍ୟାବହାରିକ ନ୍ୟାୟ ଦୃଷ୍ଟିରୁ ଏହି ତିନିଗୋଟି ମୁକ୍ତିର ମାର୍ଗ ଅଟନ୍ତି । (୨୦୮)

ନାନନେ ଜୀନଇ ଭବେ ଦଂଶନେନ ୟା ସଦହେ
ଚରିତେନ ନିଗରନହଇ ତବେନ ପରିଶୁଝଇ । (୨୦୯)

ଜଣେ ସଦ୍‌ଜ୍ଞାନ ଦ୍ୱାରା ବସ୍ତୁର ବାସ୍ତବ ଧର୍ମ ବୁଝେ ସତ୍ ଶ୍ରଦ୍ଧା ଦ୍ୱାରା ତହିଁରେ ସେ ବିଶ୍ୱାସ ରଖେ, ସତ୍ ଚରିତ୍ର ମାଧ୍ୟମରେ ଆପଣା ନିଗୃହୀତ କରେ ସତ୍ ତପସ୍ୟା ଦ୍ୱାରା ଆତ୍ମାକୁ ପବିତ୍ର କରେ । (୨୦୯)

ନାନଂ ଚରିତ୍‌ହୀନଂ ଲିଙ୍ଗଗହନଂ ଚ ଦଂଶନ୍ନିହିନାମ୍
ସଯମହୀନଂ ଚ ତଃଂ ଯୋ ଚରଇ ନିରଥୟଂ ତମ୍ । (୨୧୦)

ଉତ୍ତମ ବ୍ୟବହାର ବିନା ଜ୍ଞାନ, ଶ୍ରଦ୍ଧା ବିହୀନ ସନ୍ନ୍ୟାସ ଓ ଆତ୍ମ ନିଗ୍ରହ ବିନା ପଦଷ୍ଠରଣ ମୂଲ୍ୟହୀନ । (୨୧୦)

ନଦଶନିଶ ନାନଂ ନାନେନ୍ଦ ବିନା ନହନ୍ତି ଚାରଣଗୁଣା
ଅଗୁଣୀଶା ନାଥି ମୋଖୋ ନାଥି ଅମୋ ଖୋସ ନିବ୍‌ବାଣମ୍ । (୨୧୧)

ସତ୍ ବିଶ୍ୱାସ ବିନା ସଦ୍‌ଜ୍ଞାନ ସମ୍ଭବ ନୁହେଁ । ସଦ୍‌ଜ୍ଞାନ ବିନା ସତ୍ ଚରିତ୍ର ଦ୍ୱାରା ସମ୍ଭବ ନୁହେଁ । ସତ୍ ଚରିତ୍ର ବତ୍ତା ନଥିଲେ କର୍ମ ବନ୍ଧନରୁ ମୁକ୍ତି ମଳିପାରେନା । କର୍ମବନ୍ଧନରୁ ମୁକ୍ତି ନହେଲେ ନିର୍ବାଣପ୍ରାପ୍ତି ମଧ୍ୟ ଅସମ୍ଭବ । (୨୧୧)

ହୟଂ ନାନଂ କିୟାହୀନଂ ହୟ ଅନନୟୋ କିୟା
ପଶନ୍ତୋ ପଙ୍ଗୁଳ ଦଧୋ ଧାବମାନ ୟା ଅନ୍ଧାଅ । (୨୧୨)

ଉତ୍ମ ଆଚରଣ ଅଭାବରେ ସଦ୍‌ଜ୍ଞାନ ମୂଲ୍ୟହୀନ । ସଦ୍‌ଜ୍ଞାନ ବିନା କର୍ମ ମୂଲ୍ୟହୀନ । ଘରପୋଡ଼ି ସମୟରେ ଛୋଟା ବ୍ୟକ୍ତିଟି ସବୁ ଦେଖୁଥିଲେ ମଧ୍ଯ ଚାଲିବାର କ୍ଷମତା ନଥିବାରୁ ପୋଡ଼ି ହୋଇ ମରେ ଏବଂ ଅନ୍ଧ ବ୍ୟକ୍ତିଟି ଦୌଡ଼ି ପଳାଇବାର କ୍ଷମତା ଥାଇ ମଧ୍ୟ ଦେଖି ନପାରିବା ଯୋଗୁଁ ପୋଡି ହୋଇ ମରେ । (୨୧୨)

ସଂଯୋଅସିଧି ଫଳଂ ବୟନ୍ତି ନଝୁ ଏଗ ଚକେନ ରହୋ ପୟତି
ଅନ୍ଧୋ ୟା ପଙ୍ଗୁୟା ବନେ  ସମିବ ତେ ସଂପୋତ୍ ନଗରଂ ପର୍ବଥ । (୨୧୩)

ଏକ ଚକରେ ରଥ ନଚାଲିବା ଭଳି ଅଭୀଷ୍ଟ କାର୍ଯ୍ୟଟି କେବଳ ସଦ୍‌ଜ୍ଞାନ ସମ୍ଭବ ହୁଏ । ଯେଭଳି ଜଣେ ଅନ୍ଧ ଓ ଜଣେ ଛୋଟା ବ୍ୟକ୍ତି ପରସ୍ପରର ସାହାଯ୍ୟ ନେଇ ସହରକୁ ବାଟଭାଙ୍ଗି ଯାଇ ପାରନ୍ତି । (୨୧୩)

(ଖ) ନିଶ୍ଚୟ ରତ୍ନତ୍ରୟ – ନିଶ୍ଚୟ ନ୍ୟାୟ ବା ବାସ୍ତବ ନ୍ୟାୟ ଦ୍ୱାରା ବୁଝାଯାଉଥିବା ତ୍ରିରତ୍ନ ।

ସମ୍ମଦଂଶନାନାଦଂ ଇଶୋ ଲହତି ଟି ନବରି ଉବଦେଶମ୍
ସବ୍ବପଖରହିଜ ଭଗଦ ଯୋ ସୋ ସସାରୋ । (୨୧୪)

ଆତ୍ମା ସଦ୍‌ବିଶ୍ୱାସ ଦ୍ୱାରା ଚିହ୍ନାପଡ଼େ । ସଦ୍‌ଜ୍ଞାନ କେବଳ ଏକ ନିର୍ଣ୍ଣାୟକ (ବ୍ୟବହାର ଦ୍ୱାରା) । ବାସ୍ତବତଃ ଯାହା ସବୁ ମତକୁ ଅତିକ୍ରମ କରିଯାଏ – ତାହାହିଁ ଆତ୍ମା (ସମୟ ଦାର) (୨୧୪)

ଦଂଶନନାନଚରିତାନି ସେ ବଦବାନି ସହୁନା ନିଚମ୍
ତାନି ପୁନ ଜନ ତିନି ବି ଅପାନଂ ଚେବ ନିୟୋଦ । (୨୧୫)

ବାସ୍ତବତା ଦୃଷ୍ଟିରୁ ସନ୍ନ୍ୟାସୀ ପକ୍ଷେ ସଦ୍‌ବିଶ୍ୱାସ ସଦ୍‌ଜ୍ଞାନ ଓ ସତ୍‌କର୍ମରେ ସେ ଅଧ୍ୟବସାୟ ରଖିବା ବିଧି କିନ୍ତୁ ସେ ଜାଣିବା ଉଚିତ୍ ଯେ ଏହି ତିନିଗୋଟିଏ ହେଉଛି ଆତ୍ମା ।

ନିଚୟନାୟେନ ଭଣିଜ ତିହି ତେହିଂ ସମାହିଦନୁ ଯୋ ଆପ
ନକୁଣଦି କିଂଚି ବି ଅନ୍ନଂ ନସୁମୟ ବି ସୋ ମୋଖୋ ମାଗତି । (୨୧୬)

ଏହା ବାସ୍ତବରେ କୁହାଯାଇଛି ଯେ ଯେଉଁ ଆତ୍ମା ଏହି ତିନି ବସ୍ତୁକୁ ଆଧାର କରି ଅନ୍ୟ କିଛି ନକରି ଏହି ପନ୍ଥାରୁ ତିଳେ ମାତ୍ର ବିଚ୍ୟୁତ ହୁଏ ନାହିଁ । ସେହିଁ ମୁକ୍ତି ମାର୍ଗର ଅଧିକାରୀ । (୨୧୬)

ଆପ ଅପାମି ରଓ ସମୟିଥି ହବଇ ଫୁଂଡୁ ଜୀବ
ଜନଇ ତଂ ସନାନଂ ଚରିଦିହ ଚରିତ୍ମ ପୋତି । (୨୧୭)

ସଦ୍‌ବିଶ୍ୱାସ ଅର୍ଥ ଆତ୍ମା ନିଜ ମଧ୍ୟରେ ଅଭିଭୂତ ହେବା, ସଦ୍‌ଜ୍ଞାନ ଅର୍ଥ ଆତ୍ମାର ବାସ୍ତବ ଅବସ୍ଥା ସଂବନ୍ଧରେ ଜାଣିବା ଓ ସଦ୍ ଆଚରଣ ହେଉଛି ସେହି ପନ୍ଥାକୁ ସଶ୍ରଧ୍ ପାଳନ କରିବା । (୨୧୭)

ଆୟ ହୁ ମହଂ ନାନେ ଆୟମେ ଦଂଶନେଚଣ୍ଟିତ ୟା
ଆୟ ପଚ୍ଚଖନେ ଆୟ ମେ ସଂଯମେ ଯୋଗେ । (୨୧୮)

ବସ୍ତୁତଃ ମୋ ଆତ୍ମା ମୋ ପାଇଁ ସଦ୍‌ଜ୍ଞାନ ସଦାଚରଣ ଓ ଦୁଷ୍କର୍ମ ନିବୃତ୍ତି ତଥା ମୋ ଆତ୍ମସଂଯମ ଓ ତପଃ ଆଚରଣ ଅଟେ । (୨୧୮)

୧୮. ସମ୍ୟଗ୍ ଦର୍ଶନ ସୂତ୍ର - ସମ୍ୟକ ଦର୍ଶନ ଉପଦେଶାବଳି

(କ) ବ୍ୟବହାର ସମ୍ୟକ୍ତ୍ୱ : ନିଶ୍ଚୟ ସମ୍ୟକ୍ତ ।

ସମାତ୍‌ରୟଣସାରଂ ମୋଖମହାରୁ ଅମୂଳମିଦି ଭାଗଥିମ୍
ତଂ ଜନିଯାଇ ନିଚ୍ଛୟ ବବହାର ସାରୁ ବାଦଭେୟମ୍ । (୨୧୯)

ସତ୍ ଶ୍ରଦ୍ଧା ତ୍ରିରତ୍ନର ମୂଳ । ଏହା ନିର୍ବାଣ ରୂପକ ମହାଦ୍ରୁମର ମୂଳ ସଦୃଶ । ଏହାକୁ ନିଶ୍ଚୟ ନ୍ୟାୟ ଓ ବ୍ୟବହାର ନ୍ୟାୟ ଏହି ଦୁଇ ଦୃଷ୍ଟିରୁ ବୁଝିବା ଉଚିତ୍ ।

ଜୀବଦି ସଦାହନଂ ସମାତ୍ଂ ଜୀନବରେହିଂ ପଣତ୍ମ୍ ।
ବବହାର ନିଚୟାଦ ଆପନଂ ହବଇ ସମାତ୍ । (୨୨୦)

ପ୍ରଭୁ ଜୀନ ପ୍ରୟୋଗାତ୍ମକ ଦୃଷ୍ଟିରୁ ଏହା ପରିପ୍ରକାଶ କରିଛନ୍ତି ଯେ ସତ୍‌ଶ୍ରଦ୍ଧା ହେଉଛି ଆତ୍ମାର ଅବସ୍ଥିତିରେ ବିଶ୍ୱାସ । ବାସ୍ତବତଃ ଆତ୍ମାହିଁ ସତ୍ ଶ୍ରଦ୍ଧା । (୨୨୦)

ଯଂ ମୋନଂ ତଂ ସମ୍ମଂ ଯଂ ସମ୍ମଂ ତମିହ ହୋର ମୋନମ୍
ନିଚୟାୟ ଇୟରଣଭ ସମଂ ସମଣ ହେଉ ବି । (୨୨୧)

ସଦାଚାର ଓ ସନ୍ନ୍ୟାସ ପରସ୍ପରଠାରୁ ଅଭିନ୍ନ । କିନ୍ତୁ ବ୍ୟବହାରିକ ଦୃଷ୍ଟିରୁ ସଦାଚାର ହିଁ ସଦ୍ ବିଶ୍ୱାସର ରୂପ ନିଏ । (୨୨୧)

ସମତା ବିରହିଅନାଂ ସୁଥୁବି ଭଗଂ ତବଂ ଚରନ୍ତନାମ୍
ନ ଲହନ୍ତି ବହିଲହଂ ଅଭି ବାସସହସ୍ କୋଦିହିମ୍ । (୨୨୨)

ସତ୍‌ଶ୍ରଧା ନଥିଲେ ସଦ୍‌ଜ୍ଞାନ ଆସିବ ନାହିଁ । ଏପ ଏପରିକି ସହସ୍ର ବର୍ଷ କଠୋର ତପସ୍ୟା କଲେ ମଧ୍ୟ । (୨୨୨)

ଦଂଶନଭାଥ ଭାଥ ଦଂଶନଭାଥସ ନାଥି ନିବ୍‌ବାଣମ୍

ସିଝନ୍ତି ଚାରିୟଭାଥ ଦଂଶନଭାଥ ନ ସିଝନ୍ତି । (୨୨୩)

ଯେ ସତ୍ ଶ୍ରଧାକୁ ପରିତ୍ୟାଗ କରିଛି ସେ ହୀନ ବ୍ୟକ୍ତି । ତାପାଇଁ ମୁକ୍ତି ନାହିଁ, ଉତ୍ମ ବ୍ୟବହାର ବିନା ସତ୍ ଚରିତ୍ର ବତ୍ା ଲାଭ କରିହୁଏ କିନ୍ତୁ ସତ୍ ଶ୍ରଧା ନୁହେଁ । (୨୨୩)

ଦଂଶନସୁଧୋ ସୁଧୋ ଦଂଶନସୁଧୋ ଲାହଇ ନିବବାଣମ୍
ଦଂଶନ୍ିହିନା ପୁରିଶୋ ନ ରହଇ ତଂ ଇଚ୍ଛିୟଂ ଲହମ୍ । (୨୨୪)

ସତ୍ ଶ୍ରଧା ବ୍ୟକ୍ତି ନିର୍ମଳ । ସତ୍ ଶ୍ରଧା ଦ୍ୱାରା ମୋକ୍ଷପ୍ରାପ୍ତି ହୁଏ । ଏହା ବିନା ନିର୍ବାଣ ଅସମ୍ଭବ । (୨୨୪)

ସମତାସ ୟା ଲମ୍ଭୋ ତେଲୋକସ ୟା ହବେଯା ଯୋ ଲମ୍ଭୋ
ସମାଦଂଶ ନଲମ୍ଭୋ ବରଂ ଖୁ ଓତଲୋକଲମ୍ଭଦୋ । (୨୨୫)

ଯଦି କେହି ବାଛିବାକୁ କହେ – ସଦ୍ ଶ୍ରଧା ଲାଭ ଓ ତ୍ରିଭୁବନର ମାଲିକାନା ଲାଭ ମଧ୍ୟରୁ କାହାକୁ ଶ୍ରେୟଃ ବୋଲି ଗଣାଯିବ ? ଉତ୍ର ନିଶ୍ଚିତ ପ୍ରଥମଟି । (୨୨୫)

କିଂ ବହୁନା ଭଣିଏନାଂ ଓଯ ସିଧା ନରକରାଗାଏ କାଳେ
ସିଝିହିନ୍ତି ଯେ ବି ଭବୀୟ ତଂ ଜିଣଇ ସମମହାପମ୍ । (୨୨୬)

ଅଧିକ କହିବାରେ ବା କି ଲାଭ ! କେବଳ ସତ୍ ଶ୍ରଧା ଯୋଗୁଁ ମହାତ୍ମାମାନେ ତଥା ମୁକ୍ତି କାମୀ ଭିକ୍ଷୁମାନେ ଅତୀତରେ ନିର୍ବାଣ ପାଇଛନ୍ତି । ଭବିଷ୍ୟତରେ ମଧ୍ୟ ନିର୍ବାଣର ପଥ ସେମାନଙ୍କ ଲାଗି ଉନ୍ମୁକ୍ତ । (୨୨୬)

ଯାହା ସଲିଳେନ ନ ଲିପଇ କମଳିନୀପତଂ ସହବାପାୟଥିଏ
ତାହା ଭବେନ ନଲିପଇ କଷାୟ ବିଷଯେି ହିଁ ସୁପୁର । (୨୨୭)

ପ୍ରକୃତିଗତ କାରଣରୁ ପଦ୍ମପତ୍ର ସଲିଳରେ ଭାସିଲାଭଳି ସଜାଚାରି ବ୍ୟକ୍ତି ବସ୍ତୁଗତ ଲାଳସା ଓ ଇନ୍ଦ୍ରିୟସୁଖ ଦ୍ୱାରା ଅବଲିପ୍ତ ହୁଏ ନାହିଁ । ସାଂସାରିକ ସ୍ତରରୁ ବହୁ ଉର୍ଦ୍ଧ୍ୱରେ ରହେ । (୨୨୭)

ଉତ୍ଭୋ ଗମିମିଦିଏହିଂ ଦଳନାଂ ଅଚେଦନମିଦାରାଣାମ୍
ଯ କୁନଦି ସମାଧିଥି ତଂ ସବଂ ନିଜର ନିମତ୍ମ । (୨୨୮)

ସଦାଚାରୀ ବ୍ୟକ୍ତି ତାର ଇନ୍ଦ୍ରିୟ ମାଧ୍ୟମରେ ଜୀବନ୍ତ ଓ ଜଡ଼ ଯେଉଁ ସାଂସାରିକ ବସ୍ତୁ ସବୁର ଉପଭୋଗ କରେ ତାହା କେବଳ କର୍ମନିବୃତି ନିମିତ୍ ଅଭ୍ୟାସ କରେ । (୨୨୮)

ସେବନ୍ତୋ ବି ନସେବଇ, ଅସେବମାନେ ବି ସେବାଗୋକୋହ
ପଗରଣଚେଟା କସ ବି ନୟା ପୟରାଗଚି ସୋହୋଇ । (୨୨୯)

ସମ୍ୟକ୍ ବିଶ୍ୱାସୀ ବ୍ୟକ୍ତି କୌଣସି ବସ୍ତୁର ଉପଯୋଗ କଲେ ମଧ୍ୟ ଉପଭୋଗ କରେ ନାହିଁ । ଯେତେବେଳେ ସାଧାରଣ ବ୍ୟକ୍ତି ବସ୍ତୁଟିଠାରୁ ଦୂରରେ ଥାଇ ମଧ୍ୟ ତାର ସବୁ ଚିନ୍ତା ସେହି ଅପ୍ରାପ୍ତ ବସ୍ତୁ ନିଷ୍ଠ ଥାଏ । ନାଟକରେ ଅଭିନୟ କରୁଥିବା ବ୍ୟକ୍ତି ଯେପରି ଅଭିନୀତ ଇତ୍ରସହ ନିଜକୁ ମିଶାଇ ଦିଏନାହିଁ । ସେହିପରି ସମ୍ୟକ୍ ବିଶ୍ୱାସୀ ଭିକ୍ଷୁ ସର୍ବଦା ନିଜ ଆତ୍ମା କଥା ଧ୍ୟାନ ରଖି ସଂସାର ଚଳଣିରୁ ନିଜକୁ ଦୂରେଇ ରଖେ । (୨୨୯)

ନକାମଭୋଗ ସମୟଂ ଭଵେନ୍ତି ନ ୟାଭି ଭୋଗ ବଗଇଂ ଭଵେନ୍ତି
ଯେ ତପଅସି ୟା ପରିଗହୀ ୟା ସେ ତେଣୁ ମୋହ ବିଗଇଂ ଭଵେଇ । (୨୩୦)

ଇନ୍ଦ୍ରିୟ ଦ୍ୱାରା ଅନୁଭୂତ ହେଉଥିବା ବସ୍ତୁ ନିଜେ ଖରାପ ବା ଭଲ ନୁହେଁ । ଯାର ସେ ସମସ୍ତ ବସ୍ତୁ ପ୍ରତି ମୋହ ଜାଗ୍ରତ ହୁଏ ସେ ବିକାର ଗ୍ରସ୍ତ ହୁଏ । ମାୟାରେ ପଡ଼ିଯାଏ । (୨୩୦)

(ଖ) ସମ୍ୟଗ୍ ଦର୍ଶନ ଅଙ୍ଗ

ସମ୍ୟଗ୍ ଦର୍ଶନର ଆବଶ୍ୟକତା

ନିଶକୀୟ ନକାଙ୍କ୍ଷଅ ନିବିତି୍ଗିଛ ଅମୁଢ଼ ଦିଥିୟା ।
ଭଭବୁହ ଥିରିକରଣେ ବଚ୍ଛଲପତ୍‌ବନେ ଅଥ । (୨୩୧)

ସମ୍ୟଗ୍ ଦର୍ଶନର ମୌଳିକ ଆବଶ୍ୟକତା ହେଲା – ନିର୍ଦ୍ୱନ୍ଦ, ନିର୍ଲୋଭ, ଘୃଣାରହିତ, ନିର୍ମଳ, ଅବିଦ୍ୱେଷ ସ୍ଥିରତା, ସ୍ନେହ ଓ ପ୍ରକାଶ ଭାବ । (୨୩୧)

ସମାଧିଥି ଜୀବ ନିଶଙ୍କ ହୋନ୍ତି ନିଭୟ ତେନ
ସଉଭୟ ବିପାମ୍ଭ ଯାହାଁ ତହାଁ ଦୁ ନିଶଙ୍କେ । (୨୩୨)

ସମ୍ୟଗ୍ ଦର୍ଶନବାଦୀ ବ୍ୟକ୍ତି ନିର୍ଦ୍ୱନ୍ଦ ଓ ନିର୍ଭୟ ଅବସ୍ଥାରେ ରହେ । ସାତପ୍ରକାର ଭୟରୁ ସେଭଳି ବ୍ୟକ୍ତି ମୁକ୍ତ ହୋଇଥିବାରୁ ତାଙ୍କର ଦ୍ୱନ୍ଦ ନଥାଏ । (୨୩୨)

(ସାତ ଭୟ ସଂସାରରରେ ଜୀବନ ଭୟ, ପରଜୀବନର ଭୟ, ନିରକ୍ଷ ହୋଇଯିବାର ଭୟ, ଅନିୟନ୍ତ୍ରଣର ଭୟ, ଯନ୍ତ୍ରଣାରୁ ଭୟ, ଦୁର୍ଘଟଣାରୁ ଭୟ ଓ ମୃତ୍ୟୁଭୟ) ।

ଯୋନୁ ନ କରେଜି କାତଂ କ୍ଷଂ କାମଫଲକ୍ଷ୍ମୁ ତାହା
ସୋ ନିକଙ୍କ୍ଷୋ ଚେଦ ସମାଦିଥି ମୁନେୟାବା । (୨୩୩)

ଯାର କର୍ମଫଳରେ ଶ୍ରଧା ନାହିଁ, ଦ୍ରବ୍ୟ ଅଧିକାରରେ ଚେଷ୍ଟା ନାହିଁ । ସେ ହିଁ ସମ୍ୟଗ୍‌ଦର୍ଶୀ । ତାର ମନ ନିଷ୍କାମ । (୨୩୩)

ନ ସଂଖୀୟମିଛଇ ନ ପୂୟଂ ନଜିୟା ବନ୍ଦନଗଂ କୁଅ ପାଶଂଶମ୍ ?
ସେ ସଂଜାର ସବେ଼ି ବେସି ସହିଏ ଆବନା କେଶୈ ସ ଭିକ୍ଷୁ । (୨୩୪)

ଯାହର ସମ୍ମାନ, ଭୟସନ ଇତ୍ୟାଦିରେ ଲୋଭ ନାହିଁ ସେ ପ୍ରଶଂସା ଶୁଣିବାରେ କାହିଁକି ବା ମନଦେବ । ଯାର ଆତ୍ମ ନିଗ୍ରହ ଅଛି ଯେ ସଠିକ୍ ଧର୍ମ ପାଳନ କରେ – ଆତ୍ମାର ସ୍ୱରୂପ ଜାଣିବାକୁ ତତ୍ପର ହୁଏ – ସେହିଁ ପ୍ରକୃତି ଭିକ୍ଷୁ । (୨୩୪)

ଖାଇ ପୂୟଲାହଂ ସକରଇଂ କିମିଛସେ ଯୋଇ
ଇଛସି ଯଇ ପରଲୋୟଂ ତେହି କିଂ ତୁଝା ପରିଲୋଏ । (୨୩୫)

ହେ ଭିକ୍ଷୁ ! ତୁମେ ଯଦି ପରଲୋକଗତ ଐଶ୍ୱର୍ଯ୍ୟ ଲାଭ ପାଇଁ ଇଚ୍ଛା କରୁଛି – ପଶଖ୍ୟାତି, ପୂଜା ଆରଧନା, ଆନନ୍ଦ ଉପଭୋଗ ସମ୍ମାନପ୍ରାପ୍ତ – ଏସବୁରେ କାହିଁ ଜଡ଼ିତ ରହୁଛ ? ଏସବୁ ପରଲୋକରେ କାମ କ'ଣ । (୨୩୫)

ଯୋ ନ କରେଦି ଯୁଗୁପଂ ଚେଦ ସବେସିଂଏବ ଧମାନାମ୍
ସୋ ଖଲୁ ନିବିଦିଗିଚ୍ଛୋ ସମାଦିଥି ମୁନେୟାବ । (୨୩୬)

ଯାର ଅନ୍ୟପ୍ରତି ମନରେ ଘୃଣା ବା ବିଦ୍ୱେଷ ଭାବ ନାହିଁ ସେ ସମ୍ୟଗ୍ ଦର୍ଶୀ । (୨୩୬)

ଯୋହବହ ଅସମୂତ୍ରୋ ଚେଦ ସଦିଥି ସମଭାବେଷ୍ଟୁ
ସୋ ଖଲୁ ଅମୂତେଦିଥି ସମାଦିଥି ମୁନେୟାର । (୨୩୭)

ଯେ ମାୟାଗ୍ରସ୍ତ ନୁହେଁ ସେହିଁ ପ୍ରକୃତ ନିର୍ମାୟୀ ସମ୍ୟଗଦର୍ଶୀ । (୨୩୭)

ନାନେଂ ଦଂଶନେନଂଚ ଚରିତେନାଂ ତହେବାୟା
ଖନ୍ତିଏ ମୁତ୍ତିଏ ବଧ୍ମାନେ ଭବହିୟା । (୨୩୮)

ସଦ୍‌ଜ୍ଞାନ ଦ୍ୱାରା ସଦ୍‌ବିଶ୍ୱାସ ଦ୍ୱାରା ସଦାଚରଣ ଦ୍ୱାରା କ୍ଷମାଶୀଳତା ହ୍ରାସ କର୍ମବନ୍ଧନ ମୁକ୍ତି ଦ୍ୱାରା ତୁମର ଆତ୍ମିକ ଉନ୍ନତି ଘଟୁ । (୨୩୮)

ନଚ୍ଛାଡ଼ଇ ନଭିୟା ଲୁସଜା ମାନଂନ ସେବଜୋ ପାଗସନଂ ଚ
ନୟାଭି ପନେ ପରିହାସକୂଜ ନୟାସିୟବାଜ ବିୟଗରେଜ । (୨୩୯)

ବିଜ୍ଞ ବ୍ୟକ୍ତି ଶାସ୍ତ୍ରାର୍ଥକୁ ଲୁଚାଇ ରଖିବା ଉଚିତ୍ ନୁହେଁ କି ତାକୁ ବକୃତାର୍ଥ କରିବା ଉଚିତ୍ ନୁହେଁ । ତା'ର ଗର୍ବ ବା ଆମପ୍ରଚାରର ଉଦ୍ଦେଶ୍ର ନରହିବା ଆବଶ୍ୟକ । ସେ କାହାକୁ ଉପାହାସ କରି ନାହିଁ କି ଆଶୀର୍ବାଦ କରିବ ନାହିଁ ।

ଯଥେବା ପଶେ କଇ ଦୂପଭଙ୍ କାୟେନ ବୟ ଅନୁମନସେନ୍ନ
ତଥେବ ଧୀରୋ ପଦିସହରେଜା ଐନାୟ କ୍ଷିପାମିବଖଲୀନାମ୍ । (୨୪୦)

ଘୋଡ଼ାକୁ ଲଗାମ ଦ୍ୱାରା ବାଟକୁ ଆଣିବା ଭଳି ବିଜ୍ଞଲୋକ ସମସ୍ତ କାୟ ମନୋବାକ୍ୟରେ ଅନ୍ୟକୁ କ୍ଷତି ପହାଇବା ଭଳି କର୍ମରୁ ନିବୃତ୍ ରହେ । (୨୪୦)

ତିନୋ ହୁସ ଅନ୍ନବଂ ମହଂ କିଂ ପୁନ ଚିଟ୍ସି ଫିର ମାଗାଓ
ଅଭିତୁର ପରଂ ଗମିତଇ ସମୟଂ ଗୋଗା, ମା ପାମୈ । (୨୪୧)

ହେ ଗୌତମ ! ଯେତେବେଳେ ତୁମେ ଅଗାଧ ସମୁଦ୍ର ପାର ହୋଇଛି ତେବେ କୂଳକୁ ଆସି ଅଟକି ଯାଉଛି କାହିଁକି ? ଆରପାରିକୁ ଯିବାକୁ ଛୁତ ହୁଅ । କ୍ଷଣେମାତ୍ର ଆତ୍ମଜ ତୃଷ୍ଟିରେ ଅଟକି ଯାଅନା । (୨୪୧)

ଯୋ ଧମେଷ୍ଟୁ ଭଟ୍ଟ ଅନୁଚରଣଂ କୁନଦି ପରମସାଧୟେ
ପିୟ ବୟାନଂ ଜମ୍ପନ୍ତୋ ବଚ୍ଛନଂ ତମ୍ ଭାବମ୍ । (୨୪୨)

ଯେଉଁ ମହାତ୍ମା ଅନ୍ୟ ସାଧୁଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରେ ଶ୍ରଧାରେ ତାଙ୍କୁ ଅନୁକରଣ କରେ ତାକୁ ପ୍ରିୟଯୁକ୍ତି ସମ୍ଭାଷଣ କରେ ସେହିଁ ବାସ୍ତବରେ ଶ୍ରଧାଳୁ । (୨୪୨)

ଧମ୍ମକହା କହନେନ ୟା ବହିର ଯୋଗହେଁ ଚବି ଅନଭଜେ
ଧମୋ ପହବିଜଭୋ ଜୀବେଷ୍ଟୁ ଦୟାନୁକଂପଇ । (୨୪୩)

